## ସଂକ୍ଷେପରେ

### ଜିଲାପାଳଙ୍କ କାର୍ଯ୍ୟାଳୟରେ ଖୋଲିଲା ଆର୍‌ଟିଓ କାଉଣ୍ଟର

**ଜଗତ୍‌ସିଂହପୁର ଅଫିସ,୨୨।୧୦:** ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ହେଲ୍ପ ଡେସ୍କ କାଉଣ୍ଟରଠାରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ର କ୍ୟାମ୍ପ ଉଦ୍‌ଘାଟିତ ହୋଇଛି। ଏହି କ୍ୟାମ୍ପରେ ଅନଲାଇନ୍ ଲର୍ନର୍ସ ପାଇଁ ଆବେଦନ କରିହେବ। ଆର୍‌ଟିଓଙ୍କ କାର୍ଯ୍ୟାଳୟରେ ଭିଡ଼ ହେଉଥିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏହି କ୍ୟାମ୍ପ କରାଯାଇଛି। ଏହି କ୍ୟାମ୍ପ ପ୍ରତ୍ୟହ ଛୁଟିଦିନ ବ୍ୟତୀତ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲା ରହିବ।

### ପୌରପାଳିକା ପକ୍ଷରୁ ନିଶା ନିବାରଣ ସଚେତନତା

**ପାରାଦୀପ,୨୨।୧୦(ସ୍ୱ.ପ୍ର.):** ପାରାଦୀପ ପୌରପାଳିକା ପକ୍ଷରୁ ମଙ୍ଗଳବାର ମଧୁବନସ୍ଥିତ ଏନ୍‌ଏସି ହାଇସ୍କୁଲର ୯ମ ଓ ୧୦ମ ଛାତ୍ରୀଛାତ୍ରଙ୍କୁ ନିଶା ନିବାରଣ ସମ୍ପର୍କରେ ସଚେତନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଉପାଧ୍ୟକ୍ଷା ପ୍ରଭାତି ନାୟକ, ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜେନ୍ଦ୍ର କୁମାର ନାୟକଙ୍କ ସମେତ ଅନ୍ୟ କାଉନସିଲରମାନେ ଉପସ୍ଥିତ ଥିଲେ। ମାଦକ ଦ୍ରବ୍ୟ ସେବନ ଦ୍ୱାରା ନିଜର ଓ ପରିବାରର ଯେଉଁ କ୍ଷତି ହେଉଛି ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

### ବ୍ଲକସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

**ବାଲିକୁଦା,୨୨।୧୦(ସ୍ୱ.ପ୍ର.):** ନହରଣାସ୍ଥିତ ଉତ୍କଳମଣି ଗୋପବନ୍ଧୁ ବିଦ୍ୟାପୀଠ ପରିସରରେ ଚାଲିଥିବା ଦୁଇ ଦିନିଆ ବ୍ଲକସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଉକ୍ତ ପ୍ରତିଯୋଗିତାକୁ ପ୍ରଧାନଶିକ୍ଷକ ଦ୍ୱିତୀକୃଷ୍ଣ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ମଙ୍ଗଳବାର ଉଦ୍‌ଯାପନ ସମାରୋହରେ ବିଆରସିସି ରାଜକିଶୋର ବେହୁରା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ରମେଶ ଗୋଚ୍ଛାୟତଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସିଆରସିସି ତପନ ନାୟକ, ନହରଣା ଉପ୍ରା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାଲ୍ମିକୀ ରାଉତ, ନହରଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରୁକ୍ମିଣୀ ମଲ୍ଲିକ, ସହକାରୀ ଶିକ୍ଷକ ଲିଙ୍ଗରାଜ ଶତପଥୀ, ବାବୁରାମ ଖୁଣ୍ଟିଆ, ସୁଶାନ୍ତ ଶତପଥୀ, ପ୍ରଶାନ୍ତ ମହାନ୍ତି, କ୍ଷେତ୍ରମୋହନ ମୁଦୁଲି, ପ୍ରଦୀପ୍ତ ରାଉତ, ନହରଣା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନୃସିଂହ ନାୟକ, ଜଗବନ୍ଧୁ ମହାନ୍ତି, ନୀଳମଣି ପାଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଛାତ୍ର ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ପ୍ରତିଯୋଗିତାରେ ୧୮୪ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୦ ଜଣ ଖୋଖୋ ଓ ୨୧ ଜଣ ଆଥଲେଟିକ୍ସରେ କୃତୀତ୍ୱ ଅର୍ଜନ କରି ଜିଲାସ୍ତରକୁ ମନୋନିତ ହୋଇଥିଲେ। କ୍ରୀଡ଼ା ଶିକ୍ଷକ ଜଟାଧାରୀ ସ୍ୱାଇଁ, ମାଲାରାଣୀ ସିହ୍ନା, ସତ୍ୟାନନ୍ଦ ମହାରଣା, ଗୀତିକା ବେହେରା, ଆଶୀର୍ବାଦ ମହାନ୍ତି, ବଂଶୀଧର ଖଟୁଆ, ରାମେଶ୍ୱର ସାହୁ, ଶଶିକଳା ପାତ୍ର, ଜ୍ୟୋତିର୍ମୟୀ ପାଣି, ବଟକୃଷ୍ଣ ପରିଡ଼ା, ଯଦୁମଣି ସେଠୀ, ରମେଶ ମହାନ୍ତି, ଆଦିତ୍ୟ ନାରାୟଣ ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ।

### ଭାଜପା ନେତାଙ୍କ ପରଲୋକ

**ରଘୁନାଥପୁର,୨୨।୧୦(ଡି.ଏନ୍.ଏ.):** ରଘୁନାଥପୁର ବ୍ଲକ ଅନ୍ତର୍ଗତ କୁର୍ତ୍ତାଙ୍ଗ ଗ୍ରାମର ଭାଜପା ନେତା ଅଶୋକ କୁମାର ଦାସଙ୍କ ସୋମବାର ରାତିରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୧ବର୍ଷ ବୟସ ହୋଇଥିଲା। ଭାଜପା ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ଦଳର ନେତୃବୃନ୍ଦ ଓ କର୍ମୀମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସରପଞ୍ଚ ଜାନକୀ ବଲ୍ଲଭ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଅଶୋକ ମହାରଣା, ନିର୍ମଳ ମହାପାତ୍ର ଓ ନିହାର ରଞ୍ଜନ ସାହୁ ପ୍ରମୁଖ ଶେଷକୃତ୍ୟ ସମ୍ପନ୍ନ ପର୍ଯ୍ୟନ୍ତ ଉପସ୍ଥିତ ଥିଲେ। ଭାଜପା ସଭ୍ୟ ସଂଗ୍ରହ ଅଭିଯାନ ମଣ୍ଡଳର ମୁଖ୍ୟଭାବେ କାର୍ଯ୍ୟ ତୁଲାଉଥିବା ବେଳେ ତାଙ୍କର ମୃତ୍ୟୁ ଦଳ ପାଇଁ ଅପୂରଣୀୟ କ୍ଷତି ପହଞ୍ଚାଇବ ବୋଲି ବହୁ କର୍ମୀ ମତପ୍ରକାଶ କରିଥିଲେ।

# ଆଗକୁ ଯାତ୍ରା, ଏବେଠାରୁ ପାଲପକା

- ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ନେଇ ଉଷ୍ମହେଲାଣି ବାତାବରଣ
- ବିରୋଧ ଓ ସମର୍ଥନ ପାଇଁ ମୁଣ୍ଡ ଟେକିଲେଣି ସଙ୍ଗଠନ
- ନଭେମ୍ବର ୨୨ରେ ଜନଶୁଣାଣି

**ପାରାଦୀପ,୨୨।୧୦(ସ୍ୱ.ପ୍ର.)**

ପୂର୍ବରୁ ଖୋଲାମଞ୍ଚରେ ଅପେରା ପ୍ରଦର୍ଶନ ହେଲେ ଦର୍ଶକଙ୍କ ପ୍ରବଳ ଭିଡ଼ ହେଉଥିଲା। ପରିସ୍ଥିତି ଏପରି ହେଉଥିଲା ଯେ, ମଞ୍ଚ ପାଖରେ ବସିବା ପାଇଁ ଦର୍ଶକମାନେ ଆଗୁଆ ପାଲ ପକାଇ ସ୍ଥାନ ସଂରକ୍ଷଣ କରୁଥିଲେ, ଯାହାକୁ କୁହାଯାଏ ଯାତ୍ରା ଆଗରୁ ପାଲପକା। ଏବେ ସେହିଭଳି ଏକ ପ୍ରକାର ଅଘୋଷିତ ପ୍ରତିଯୋଗିତା ଆରମ୍ଭ ହୋଇଛି ପାରାଦୀପରେ। ତେବେ ଏହା ଅପେରା ପାଇଁ ନୁହେଁ, ବ୍ୟକ୍ତିଗତ ପ୍ରତିଷ୍ଠା, ପତିଆରା ଓ ଅର୍ଥ ପାଇଁ ଚାଲିଥିବା ଚର୍ଚ୍ଚା ହେଉଛି। ସୂଚନା ଅନୁଯାୟୀ, ପୋସ୍କୋ ଅଞ୍ଚଳ ଭାବେ ଜଣାଶୁଣା ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକର ଢିଙ୍କିଆ ଚାରିଦେଶ ଅଞ୍ଚଳରେ ଏବେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଯାଉଛି। ଏ ସମ୍ପର୍କରେ ସରକାରୀ ଭାବେ ଗତ ସୋମବାରଠାରୁ ସୂଚନା ଦିଆଯାଇଛି। ଉକ୍ତ ପ୍ରକଳ୍ପ ପାଇଁ ଆସନ୍ତା ନଭେମ୍ବର ୨୨ରେ ଗଡ଼କୁଜଙ୍ଗ ମନ୍ଦିର ସମ୍ମୁଖରେ ଜନଶୁଣାଣି ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ଅଞ୍ଚଳରେ ସମ୍ପୃକ୍ତ କମ୍ପାନୀ ୧୩.୦୨ ମିଲିୟନ୍ ମେଟ୍ରିକ ଟନ୍ ପର ଆନମ୍ (ଏମ୍‌ଏମ୍‌ଟିପିଏ) ଇସ୍ପାତ, ୯୦୦ ମେଗାୱାଟ କ୍ୟାପ୍‌ଟିଭ ପାୱାର ପ୍ଲାଣ୍ଟ, ୧୦ ଏମ୍‌ଏମ୍‌ଟିପିଏ ସିମେଣ୍ଟ ପ୍ରକଳ୍ପ କରିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ତେଣୁ ଏହି ପ୍ରକଳ୍ପକୁ ନେଇ ପାରାଦୀପରେ କେତେକ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପ୍ରତିଷ୍ଠିତ ସଙ୍ଗଠନ ଆଗୁଆ ଛାୟାଯୁଦ୍ଧରେ ମାତିଲେଣି ବୋଲି ଚର୍ଚ୍ଚା ହେଉଛି। ନିଯୁକ୍ତି, ପ୍ରଦୂଷଣ, ସାମାଜିକ ଓ ପାରିପାର୍ଶ୍ୱିକ ସମସ୍ୟା ଆଦିକୁ ନେଇ ସେମାନେ ଆନ୍ଦୋଳନ ଧମକ ଦେବା ସହ ଧାରଣା, ଦାବିପତ୍ର ଆଦି ପ୍ରଦାନ କଲେଣି। ମଙ୍ଗଳବାର ସୁଦ୍ଧା ଦୁଇଟି ସଙ୍ଗଠନ ଏଭଳି ପ୍ରତିବାଦ କରିଛନ୍ତି। ଗତ ୧୫ ତାରିଖରେ ସୋନୁ ନାମକ ଏକ ସଙ୍ଗଠନ ଏବଂ ମଙ୍ଗଳବାର ଯୁବଯନ୍ତ୍ରୀ ସଂଘ ନିଯୁକ୍ତି ଓ ପ୍ରଦୂଷଣ ପ୍ରସଙ୍ଗକୁ ନେଇ ଜେଏସ୍‌ଡବ୍ଲ୍ୟୁ ଅଫିସ ଓ ଏଡିଏମ୍ ଅଫିସରେ ଦାବିପତ୍ର ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୦୮-୦୯ରୁ ୨୦୧୪-୧୫ ପର୍ଯ୍ୟନ୍ତ ତୈଳ ବିଶୋଧନାଗାର ପ୍ରକଳ୍ପ ନିର୍ମାଣ ସମୟରେ ଏଭଳି ୭୨ଟି ସଙ୍ଗଠନ ମୁଣ୍ଡ ଟେକିଥିଲା। ସେତେବେଳେ ସଙ୍ଗଠନ କରିଥିବା ବ୍ୟକ୍ତିବିଶେଷ ବିଭିନ୍ନ ପ୍ରକାର ବ୍ୟବସାୟ କରି ଆର୍ଥିକ କ୍ଷେତ୍ରରେ ପ୍ରତିପତି ହାସଲ କରିଥିଲେ। କିନ୍ତୁ ଏବେ ସେହି ୭୨ ସଙ୍ଗଠନ ମଧ୍ୟରୁ ହାତଗଣତି ୨ରୁ ୩ ସଙ୍ଗଠନ ନାମକୁମାତ୍ର ଲୋକଲୋଚନରେ ଅଛନ୍ତି। ଅନ୍ୟ ସଙ୍ଗଠନଗୁଡ଼ିକ ସମୟଚକ୍ରରେ ହଜିଗଲେଣି। ପ୍ରସ୍ତାବିତ ପୋସ୍କୋ ପ୍ରକଳ୍ପ ପାଇଁ ବିରୋଧ-ସପକ୍ଷ ସଂଘ ବାହାରିଥିଲେ। ଏପରି କି ଅନେକ ଆନ୍ଦୋଳନ, ହିଂସା ଯୋଗୁ ୧୦ରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ଏବେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ଆଗୁଆ ସଙ୍ଗଠନ ମୁଣ୍ଡ ଟେକିଲେଣି। ତେଣୁ ପ୍ରକଳ୍ପ ବିରୋଧର ସମ୍ମୁଖୀନ ହେବାର ଆଭାଷ ମିଳିଲାଣି। ଅନ୍ୟପକ୍ଷରେ ସମସ୍ତ ବିରୋଧକୁ ପ୍ରତିହତ କରିବାକୁ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଯୋଜନା କରୁଥିବା ଜଣାଗଲାଣି। କମ୍ପାନୀରେ ଏବେ ଜଣେ ପୂର୍ବତନ ଜିଲାପାଳ ଓ ଜଣେ ପୂର୍ବତନ ତହସିଲଦାର ନିଯୁକ୍ତି ପାଇଛନ୍ତି। ଏବେର ପ୍ରଶାସନିକ ଅଧିକାରୀଙ୍କୁ ବିଚାରକୁ ନେଲେ ପୂର୍ବତନ ଇଡ୍‌କୋ ଅଧିକାରୀ ଏବେ ଜିଲାପାଳ ଭାବେ ଅଛନ୍ତି। ଏରସମାର ପୂର୍ବତନ ବିଡିଓ ଏବେ ପାରାଦୀପ ଏଡିଏମ୍ ଅଛନ୍ତି। ଏସବୁ ଯୋଜନା ସୁଚିନ୍ତିତ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। କାରଣ ପୋସ୍କୋ ସମୟରେ କାର୍ଯ୍ୟ କରି ଦକ୍ଷତା ହାସଲ କରିବା ଅଧିକାରୀଙ୍କୁ ହାତ କରି ଜେଏସ୍‌ଡବ୍ଲ୍ୟୁ ଆଗକୁ ବଢ଼ିବାକୁ ଚେଷ୍ଟା କରୁଛି।

ସେହିପରି ନୂତନ କମ୍ପାନୀ ପାଇଁ ଗୋଟିଏପଟେ ସରକାରୀସ୍ତରରେ ଖସଡ଼ା ପ୍ରସ୍ତୁତି ଚାଲିଥିବାବେଳେ ଅନ୍ୟପଟେ ଏକ ସରକାରୀ ନିୟମ ଏହି ପ୍ରକଳ୍ପ ଓ ପ୍ରଶାସନିକ ଅଧିକାରୀଙ୍କ ପାଇଁ କଣ୍ଟା ଭାବେ ଉଭା ହୋଇଛି। ଚଳିତମାସରେ କେନ୍ଦ୍ର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପ ଅଞ୍ଚଳକୁ ପ୍ରଦୂଷଣ କ୍ଷେତ୍ରରେ କ୍ରିଟିକାଲ ଏରିଆ ବା ବିପଦପୂର୍ଣ୍ଣ ଅଞ୍ଚଳ ଭାବେ ଘୋଷଣା କରିଛି। ତେଣୁ ପାରାଦୀପ ଓ ସଂଲଗ୍ନ ଅଞ୍ଚଳରେ ଆଉ ନୂତନ ଶିଳ୍ପ ପ୍ରତିଷ୍ଠା ହେବା କଥା ନୁହେଁ। ଏଭଳି ସ୍ଥିତିରେ ଜେଏସ୍‌ଡବ୍ଲ୍ୟୁ ପାଇଁ ଜନଶୁଣାଣି ବିଜ୍ଞପ୍ତି ପ୍ରକାଶ ପାଇଛି। ଏବେଠାରୁ ବିରୋଧ ପାଇଁ କୁଜଙ୍ଗ, ଏରସମା ଓ ପାରାଦୀପରେ କେତେକ ସଙ୍ଗଠନ ବାହାରିଲେଣି। ସମର୍ଥନ ପାଇଁ ମଧ୍ୟ ସଙ୍ଗଠନ ସୃଷ୍ଟି ହେଲେଣି। ତେଣୁ ଆଗକୁ ବିଦ୍ରୋହ ନିଶ୍ଚିତ। ଏଭଳି ସ୍ଥିତିରେ କମ୍ପାନୀ, ପ୍ରଶାସନ ଓ ସ୍ୱାର୍ଥ ପାଇଁ ଗଠିତ ସଙ୍ଗଠନର ଲଢେଇରେ ଯେପରି ସାଧାରଣ ଜନତାଙ୍କ ସ୍ୱାର୍ଥ ବଳି ନ ପଡ଼େ ସେଥିପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ।

### ଆଞ୍ଚଳିକ ସାଧନକେନ୍ଦ୍ରର ସୁରଭି କାର୍ଯ୍ୟକ୍ରମ

**ନାଉଗାଁ,୨୨।୧୦(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଘୋଡ଼ାଂଶ ଆଞ୍ଚଳିକ ସାଧନକେନ୍ଦ୍ରର ଶିଶୁ ମହୋତ୍ସବ ସୁରଭି ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବାସୁଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରି ମାଗୁଣି ଚରଣ ମହାନ୍ତି ସଭାପତିତ୍ୱ କରିଥିଲେ। ସାମାଜିକ କର୍ମୀ ରବୀନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି, ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ବାଇଧର ତ୍ରିପାଠୀ, ପବିତ୍ର କୁମାର କର, ଅକ୍ଷୟ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ପିଲାମାନଙ୍କ ମଧ୍ୟରେ ନାଚଗୀତ, ବକ୍ତୃତା, ତର୍କ ଆଦି ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମକୁ ବାସୁଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି, ସିଆରସିସି ଶାରଦା ପ୍ରସନ୍ନ ଓଝା, ଅଭିଭାବକ କମିଟି ସଭାପତି ମାନସ ରାଉତ, ସରପଞ୍ଚ ତନୁଲତା ବାରିକ ପ୍ରମୁଖ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।

## କାର୍ତ୍ତିକେଶ୍ୱର ପୂଜା କମିଟି ପ୍ରସ୍ତୁତି ବୈଠକ

# ସାଂସ୍କୃତିକ ସନ୍ଧ୍ୟା ହେବ ମୁଖ୍ୟ ଆକର୍ଷଣ



ପ୍ରସ୍ତୁତି ବୈଠକରେ ଉପସ୍ଥିତ କାର୍ତ୍ତିକେଶ୍ୱର ପୂଜା କମିଟିର କର୍ମକର୍ତ୍ତା।

**କୁଜଙ୍ଗ,୨୨।୧୦(ସ୍ୱ.ପ୍ର)**

କୁଜଙ୍ଗ-ପାରାଦୀପ ଯୁବ ସାଂସ୍କୃତିକ ପରିଷଦ ପକ୍ଷରୁ ଚଳିତବର୍ଷ ୧୫ତମ ବାର୍ଷିକ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ହନୁମାନ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବଭାରତ ତୈଳ ବିଶୋଧନାଗାର ଶ୍ରମିକ ସଂଘ ସାଧାରଣ ସମ୍ପାଦକ ରଞ୍ଜନ କୁମାର ପଲାଇ ଅଧ୍ୟକ୍ଷତା କରିଥିଲେ। ପୂଜା କମିଟି ସଂଯୋଜକ ରବୀନ୍ଦ୍ରନାଥ ନାୟକ ପୂଜାର ଆଭିମୁଖ୍ୟ ଓ ସମାବେଶର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପଦ୍ମଲୋଚନ ଦାଶ, ଅଭିରାମ ସାମଲ, ରବୀନ୍ଦ୍ର କୁମାର ନାଥ, କ୍ଷୀରୋଦ ନାୟକ ପ୍ରମୁଖ ପୂଜାକୁ ସରସ, ସୁନ୍ଦର ଓ ଶୃଙ୍ଖଳିତ କରିବା ପାଇଁ ମତବ୍ୟକ୍ତ କରିଥିଲେ। ସେହିପରି ୫ ଦିନ ଧରି ହୋଇଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ କୁହାଯାଇଥିଲା। କମିଟି ଅଧ୍ୟକ୍ଷ ନିତ୍ୟାନନ୍ଦ ମହାନ୍ତି, ଉପାଧ୍ୟକ୍ଷ ଅରୂପ ପଟ୍ଟନାୟକ, ସଭାପତି ପ୍ରଭାତ ବେହେରା, ଉପ ସଭାପତି ଶିଶିର କୁମାର ନାୟକ, ଫକୀର ଚରଣ ଅଧିକାରୀ, ବସନ୍ତ ପଲାଇ, ବାବାଜୀ ରାଉତ, ଗିରିଜା ସୂତାର, ସୁଦାମ ବିଶ୍ୱାଳ, କମିଟି ସମ୍ପାଦକ ସମୀର ସୂତାର, ସହ ସମ୍ପାଦକ ସୁଶୀଲ ଦାଶ, ଶମ୍ଭୁଚରଣ ନାଥ, ଅଶୋକ ନାଥ, କୋଷାଧ୍ୟ ସବ୍ୟସାଚୀ ମିଶ୍ର ପ୍ରମୁଖ ବୈଠକ ପରିଚାଳନା କରିଥିଲେ। ପରିଷଦର ସମସ୍ତ ସଭ୍ୟ, କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

### କଲେଜ ରୋଡ୍‌ରେ ଦୁର୍ଘଟଣା, ୩ ଆହତ

**ପାରାଦୀପ,୨୨।୧୦(ସ୍ୱ.ପ୍ର.)**

ପାରାଦୀପ ମଡେଲ ଥାନା ଅନ୍ତର୍ଗତ କଲେଜ ରୋଡର ହୋଟେଲ ଛକରେ ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଘଟଣା ଘଟି ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଷଣ୍ଢକୁଦ ବସ୍ତିର ବିଧବା ମହିଳା ମାମୁନି ସିକ୍‌ଦାର (୩୨), ସବ୍‌ଷ୍ଟେଶନ ବାସିନ୍ଦା ବୁଦ୍ଧିଆ ସିଂଙ୍କ ପୁଅ କାହ୍ନୁ (୧୬) ଓ କ୍ରିଷ୍ଣା (୧୮)। କାହ୍ନୁ ଓ କ୍ରିଷ୍ଣା ଏକ ବାଇକରେ ଦ୍ରୁତଗତିରେ ଯାଉଥିବାବେଳେ ସାଇକେଲରେ ଆସୁଥିବା ମାମୁନିଙ୍କୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

### ଗଜଲକ୍ଷ୍ମୀ ପୂଜା ମୁକ୍ତମଞ୍ଚ ନାଟକ ଉଦ୍‌ଯାପିତ

**ତିର୍ତ୍ତୋଲ,୨୨।୧୦(ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ସିରସ୍ତା ଗ୍ରାମରେ ୪୫ତମ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ ହୋଇଛି। ଏହି ଅବସରରେ ୩ୟ ବାର୍ଷିକ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ୪ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ମୁଖ୍ୟଅତିଥି, ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଓ ସହକାରୀ ଯନ୍ତ୍ରୀ ସୁବାସ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆମ ଆଖଡ଼ା ଜଗତ୍‌ସିଂହପୁର ପ୍ରଥମ, 'ଆମ ନାଟକ' ଓଲ୍ଡ ଟାଉନ୍ ଭୁବନେଶ୍ୱର ୨ୟ, କଳାମଞ୍ଚ ପାରାଦୀପ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏଥିସହ ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାରେ ଯୁକ୍ତ ୨ ବିଜ୍ଞାନରେ ସର୍ବାଧିକ ନମ୍ବର ରଖିଥିବା ଶୁଭକାନ୍ତ ସାହୁ, ମାଟ୍ରିକ୍, ଯୁକ୍ତ ୨ ଓ ଯୁକ୍ତ ୩ରେ କୃତୀତ୍ୱ ଅର୍ଜନ କରିଥିବା ପ୍ରୀତିପ୍ରିୟା ସୂତାର, ରୋଜାଲିନ ସାହୁ, ସୁଚିସ୍ମିତା ସାହୁ ଓ ସୌମ୍ୟଶେଖର ଭଳଙ୍କୁ ପୁରସ୍କୃତ କରାଯାଇଥିଲା। କଳା, ସଂସ୍କୃତି ଓ ସେବା କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପଦନ ଚରଣ ନାୟକ, ଆନନ୍ଦ ବ୍ରହ୍ମ ଦାସ, ସୁଧାନନ୍ଦ ଦାସ, କାର୍ତ୍ତିକ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ପ୍ରାଧ୍ୟାପକ ଅଦ୍ୱୈତ ସାହୁ ସଭାପତିତ୍ୱ କରିଥିଲେ। ସତ୍ୟରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ପୂର୍ବତନ ସରପଞ୍ଚ ଈଶ୍ୱର ଚନ୍ଦ୍ର ସାହୁଙ୍କ ଦିଗ୍‌ଦର୍ଶନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

# ୨୪୩ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ

**ବିରିଡ଼ି/ବାଲିଆ,୨୨।୧୦(ଡି.ଏନ.ଏ.)**

ବିରିଡ଼ି ବ୍ଲକ ଚାନ୍ଦପୁରସ୍ଥିତ ପଞ୍ଚାୟତରାଜ ହାଇସ୍କୁଲଠାରେ ମଙ୍ଗଳବାର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମାର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୨୯୮ ଜଣ ନାମ ପଞ୍ଜୀକୃତ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୨୪୩ ଜଣ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇ ଶିବିର ଉଦ୍‌ଘାଟନ କରିଥିଲେ। ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ, ଏବିଡିଓ ଗିରିଜା ପ୍ରସାଦ ବାରିକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅବଦୁଲ ୱାହାବ ଖାଁ, ସବ୍‌ଡିଭିଜନ ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶରତ କୁମାର ମହାରଣା ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାନସିକ ଅନଗ୍ରସର ବିଭାଗ ଡା. ଶାସ୍ୱତ ସାହୁ, ଅସ୍ଥିଶଲ୍ୟ ବିଭାଗର ଡା. ଉଦିତ୍ ବିଶ୍ୱାଳ, ଡା. ଅଶୋକ ପାଲ, ଚକ୍ଷୁ ବିଭାଗର ଡା. ଆରତୀ ମିଶ୍ର, ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଇଏନଟି ବିଭାଗର ଡା. ଶ୍ରୀମନ୍ତିନୀ ରାଉତ, ଶିଶୁରୋଗ ବିଭାଗର ଡା. ଛାୟାକାନ୍ତ ଗୌଡ଼, ଭେଷଜ ବିଭାଗର ଡା. ଶ୍ରୀହର୍ଷ ମିଶ୍ର ଯୋଗଦେଇ ପରୀକ୍ଷା ନିରୀକ୍ଷା କରିଥିଲେ। ଅସ୍ଥିଶଲ୍ୟ ବିଭାଗରେ ୧୬୦, ଇଏନଟି ୪୦, ମାନସିକ ଅନଗ୍ରସର ୫୧, ଦୃଷ୍ଟି ବାଧିତ ୪୬ ଓ ଶିଶୁଙ୍କ ସ୍ୱତନ୍ତ୍ର ଆବଶ୍ୟକତା ପାଇଁ ଜଣେ ଥାଲାସିମିଆ ରୋଗୀଙ୍କ ନାମ ପଞ୍ଜୀକୃତ ହୋଇଥିଲା।



ଶିବିରରେ ଭିନ୍ନକ୍ଷମଙ୍କ ନାମ ପଞ୍ଜୀକରଣ କରାଯାଉଛି।

# ଆହତ ଷଣ୍ଢର ଚିକିତ୍ସା କଲା ହିନ୍ଦୁସେନା

**ବାଲିକୁଦା,୨୨।୧୦(ସ୍ୱ.ପ୍ର.)**

ତରସାହି ପଞ୍ଚାୟତ ଅଞ୍ଚଳରେ ବୁଲୁଥିବା ଏକ ବୁଲାଷଣ୍ଢ ଉପରକୁ କେହି ଗରମ ପାଣି ପକାଇ ଦେଇଥିବାରୁ ଷଣ୍ଢଟି ଗୁରୁତର ଆହତ ହୋଇଥିଲା। ଗ୍ରାମବାସୀ ଷଣ୍ଢଟିକୁ ଉଦ୍ଧାର କରି ବୁଦ୍ଧେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ବାନ୍ଧି ପ୍ରାଥମିକ ଚିକିତ୍ସା କରିଥିଲେ। ହିନ୍ଦୁ ସେନାର ସଦସ୍ୟମାନେ ଏହି ଖବରପାଇ ମଙ୍ଗଳବାର ସେଠାରେ ପହଞ୍ଚିଥିଲେ। ସେମାନେ ତରାସାହି ଗ୍ରାମବାସୀଙ୍କ ସହାୟତାରେ ଷଣ୍ଢର ଚିକିତ୍ସା କରାଇବା ସହିତ ଆବଶ୍ୟକ ଔଷଧ, ଇଞ୍ଜେକ୍ସନ ଦେଇଥିଲେ। ପରେ ଷଣ୍ଢକୁ ଆବଶ୍ୟକ ଖାଦ୍ୟ ଯୋଗାଇଦେବାକୁ କହିଥିଲେ। ବୁଧବାର ସେନା ପକ୍ଷରୁ ଖାଦ୍ୟ ଯୋଗାଇ ଦିଆଯିବ। ସେନାର ଜିଲା ସଭାପତି ଶିବ ପ୍ରସାଦ ସ୍ୱାଇଁଙ୍କ ନେତୃତ୍ୱରେ ଛାତ୍ର ସଭାପତି ସୌରଭ ମହାନ୍ତି, ତ୍ରିନାଥ ମହାନ୍ତି, ମିଙ୍କୁ ସ୍ୱାଇଁ, ହେମନ୍ତ ରାଉତ, ଜୀବନଜ୍ୟୋତି ଜେନା, ସୁଦର୍ଶନ ପରିଡ଼ା, ମୁକେଶ ପରିଡ଼ା, ସନ୍ତୋଷ ମିଶ୍ର, ସଂଗ୍ରାମ ଦାସ, ରୁଦ୍ରନାରାୟଣ ମହାନ୍ତି ପ୍ରମୁଖ ଷଣ୍ଢର ଚିକିତ୍ସା କରାଇଥିଲେ।



ହିନ୍ଦୁ ସେନା ପକ୍ଷରୁ ଆହତ ଷଣ୍ଢର ଚିକିତ୍ସା କରାଯାଉଛି।

# ଶିଶୁ ମହୋତ୍ସବ ସୁରଭି

**ବିରିଡ଼ି,୨୨।୧୦(ଡି.ଏନ.ଏ.)**

ବିରିଡ଼ି ବ୍ଲକ ପୂରଣ କ୍ଲଷ୍ଟର ଅଧୀନ ମଇନ୍ଦିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର କ୍ଲଷ୍ଟରସ୍ତରୀୟ ଶିଶୁମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ପୂରଣ ଆଞ୍ଚଳିକ ସାଧନ କେନ୍ଦ୍ରର ସିଆରସିସି ରଞ୍ଜନ କୁମାର ରାୟ ଏଥିରେ ପୌରୋହିତ୍ୟ କରିଥିଲେ। ମଇନ୍ଦିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା କାନୁନଗୋ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ୯ଟି ପ୍ରାଥମିକ ବିଦ୍ୟାଳୟର ୯୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ତର୍କ, ସଙ୍ଗୀତ, କୁଇଜ, ନୃତ୍ୟ, ଚିତ୍ରାଙ୍କନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତାରେ ଭାଗନେଇ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରୁ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବାକୁ ୫ଜଣ ଯୋଗ୍ୟ ବିବେଚିତ ହୋଇଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାନ୍ତି, ପୁଷ୍ପଲତା ଦେଇ, ସ୍ନିଗ୍ଧା ଦାସ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଅଭୟ ଜେନା, ସତ୍ୟବ୍ରତ ରଥ, ରେଖା ରାୟ ଓ ଅନୁପମା ଦାସ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଲଳିତ ନାରାୟଣ ଦାଶ, ଜୟଦେବ ପ୍ରଧାନ, ଗୋବିନ୍ଦ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ସାଧନ କେନ୍ଦ୍ର ସଂଯୋଜକ ରଞ୍ଜନ ରାୟ ଧନ୍ୟବାଦ ଦେଇଥିଲେ।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ କର୍ମଶାଳା

**ରଘୁନାଥପୁର,୨୨।୧୦(ଡି.ଏନ୍.ଏ.)**

ରଘୁନାଥପୁର ପଞ୍ଚାୟତ ସମିତି ସଭାକକ୍ଷରେ ମଙ୍ଗଳବାର ବ୍ଲକସ୍ତରୀୟ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ପଞ୍ଚାନନ ପଟାୟତ ଅଧ୍ୟକ୍ଷତା କରିଥିଲେ। ୟୁନିସେଫ ଜିଲା ସଂଯୋଜକ ଗଣେଶ ପଣ୍ଡା ଯୋଜନାର ଉଦ୍ଦେଶ୍ୟ ଓ ସମାଜରେ ଏହାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜରେ ଦେଖାଯାଉଥିବା ୩ ପ୍ରକାର ବର୍ଜ୍ୟବସ୍ତୁ ବିଘଟନଶୀଳ, ଅବିଘଟନଶୀଳ ଓ କ୍ଷତିକାରକ ବିଷାକ୍ତ ବସ୍ତୁକୁ ତିନୋଟି ଡ୍ରମରେ ସଂରକ୍ଷଣ କରି ରଖିବା ସହ ପର୍ଯ୍ୟାୟକ୍ରମେ ଏଗୁଡ଼ିକୁ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରାଯିବା ନେଇ ମାଷ୍ଟର ଟ୍ରେନର ନିମାଇଁ ସ୍ୱାଇଁ ପ୍ରକାଶ କରିଥିଲେ। ପ୍ରତି ପଞ୍ଚାୟତରେ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯିବ। ଏହି ବ୍ଲକ ଅନ୍ତର୍ଗତ ପୁରୁଣାବସନ୍ତ ପଞ୍ଚାୟତକୁ ପ୍ରାଥମିକତା ଦିଆଯାଇଥିବା ବେଳେ କ୍ରମଶଃ ସମସ୍ତ ପଞ୍ଚାୟତରେ କରାଯିବ ବୋଲି ବ୍ଲକ ଅଧ୍ୟକ୍ଷା ସ୍ୱପ୍ନାସରିତା ବଳ କହିଥିଲେ। ଆରଡବ୍ଲ୍ୟୁଏସଏସ ଏସଡିଓ ବିକାଶ ପତି ଓ ଏବିଡିଓ ଅଶୋକ ମହାନ୍ତି ଏ ସମ୍ପର୍କରେ ତଥ୍ୟ ରଖିଥିଲେ। ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀ ଦିପାଳିକା ବିଶ୍ୱାଳ ଓ ଶ୍ରଦ୍ଧାଞ୍ଜଳି ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ବିରିଡ଼ି,୨୨।୧୦(ଡି.ଏନ.ଏ.)**

ବିରିଡ଼ି ବ୍ଲକ କିଶୋରନଗର ଚିନ୍ତାମଣୀ ବିଦ୍ୟାପୀଠରେ ସୋମବାର ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏବିଇଓ ବିଜୟ କୁମାର ଦ୍ୱିବେଦୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ନନ୍ଦ କୁମାର ଜେନା ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଜନୀ ଦାସ ପୌରୋହିତ୍ୟ କରିଥିଲେ। ଏହି ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ୧୨୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଳିକା ଓ ବାଳକ ବର୍ଗରେ ଖୋଖୋ, ଦୌଡ଼କୁଦ ଓ କ୍ରିକେଟ ଖେଳ ହୋଇଥିଲା। ସେମାନଙ୍କ ମଧ୍ୟରୁ ଖୋଖୋରେ ୪୦, ଦୌଡ଼ କୁଦରେ ୧୬ ଓ କ୍ରିକେଟରେ ୧୨ ଛାତ୍ରୀଛାତ୍ର ଜିଲାସ୍ତରକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଉଦ୍‌ଯାପନ ଉତ୍ସବରେ ଅବସରପ୍ରାପ୍ତ ଖେଳ ଶିକ୍ଷକ ନବକିଶୋର ଜେନା ଓ ପ୍ରଧାନ ଶିକ୍ଷୟିତ୍ରୀ ସଜନୀ ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା ମଣିଷକୁ ସୁସ୍ଥ ଓ ନିରୋଗ ରଖେ ବୋଲି କହିଥିଲେ। କ୍ରୀଡ଼ା ଶିକ୍ଷକ ସଦାଶିବ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ସୁଧାଂଶୁ ଶେଖର ରାମ, ଫିରୋଜ ଅହମ୍ମଦ ଖାଁ, ସୁକାନ୍ତ ବେହେରା, ମଙ୍ଗରାଜ ସାହୁ, ସୁବାସ ସାହୁ, ପୀତାମ୍ବର ବାରିକ, ନନ୍ଦବଲ୍ଲଭ ଭଟ୍ଟାଚାର୍ଯ୍ୟ, ମହମ୍ମଦ ରଏବର, ଜିତେନ୍ଦ୍ରିୟ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନ ଉତ୍ସବରେ ଉପସ୍ଥିତ ଅତିଥି।

### ରାଜନଗର ଅଞ୍ଚଳରେ ନିଶାଦ୍ରବ୍ୟ କାରବାର

# କଦଳୀ ଫେଣାରୁ ବ୍ରାଉନସୁଗାର ଭିଡିଓ ଭାଇରାଲ

**ରାଜନଗର,୨୨।୧୦(ଡି.ଏନ.ଏ.):** କେନ୍ଦ୍ରାପଡା ଜିଲାର ଉପାନ୍ତ ରାଜନଗର ଅଞ୍ଚଳରେ ବିଭିନ୍ନ ନିଶାଦ୍ରବ୍ୟ କାରବାର ଚାଲିଥିବା ବେଳେ ଏବେ ବ୍ରାଉନସୁଗାର କାୟା ବିସ୍ତାର କରି ସାରିଲାଣି। ଏହାର କବଳରେ ଉପକୂଳ ଅଞ୍ଚଳର ଯୁବ ପିଢି ପଡିବା ଦେଖିବାକୁ ମିଳିଛି। ମଙ୍ଗଳବାର ଏମିତି ଏକ ଖବର ରାଜନଗର ଅଞ୍ଚଳରେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏନେଇ ଚର୍ଚ୍ଚା ଲାଗି ରହିଛି। ଏକ ନିର୍ଦ୍ଦିଷ୍ଟ ମହାବିଦ୍ୟାଳୟର ଛାତ୍ରମାନେ କଦଳୀ ଫେଣା ମଧ୍ୟରୁ ଏହାକୁ କାଢି ବ୍ୟବହାର କରୁଥିବାର ଭିଡିଓ ଭାଇରାଲ ହୋଇଛି। ଏହି ଅଞ୍ଚଳରେ ଏକ ଗ୍ରାମକୁ ୫ ଶହରୁ ୭ ଶହ ଟଙ୍କା ମଧ୍ୟରେ ବ୍ରାଉନସୁଗାର ମିଳୁଥିବା ସୂଚନା ମିଳିଛି। ଏହାଛଡା କେବଳ ରାଜନଗର ନୁହେଁ, ଉପକୂଳ ଅଞ୍ଚଳର ମହାବିଦ୍ୟାଳୟର ଛାତ୍ରମାନେ ବ୍ରାଉନସୁଗାର ବ୍ୟବହାର କରୁଥିବା ଜଣାପଡିଛି। ଏହା ସେବନ କରିବା



ଦ୍ୱାରା ଛାତ୍ରମାନେ ବିଭିନ୍ନ ଅସାମାଜିକ କାମରେ ଲିପ୍ତ ହୋଇ ଅଞ୍ଚଳର ଶାନ୍ତି ଭଙ୍ଗ କରୁଥିବାରୁ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ଏ ନେଇ ରାଜନଗର ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ରାଉତ କହିଛନ୍ତି ଯେ, ଏହି ଭିଡିଓ କେନ୍ଦ୍ରାପଡା ଜିଲାର ବୋଲି ଜଣାପଡୁନାହିଁ। ତେବେ ଏ ନେଇ ତଦନ୍ତ ହେଲେ ସତ୍ୟାସତ୍ୟ ଜଣାପଡିବ।

# ସ୍କୁଲ ପଡ଼ିଆରେ ବାଣ ଦୋକାନକୁ ଅନୁମତି

**ପଟ୍ଟାମୁଣ୍ଡାଇ, ୨୨।୧୦ (ସ୍ୱ.ପ୍ର):** ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଏମ୍‌ଏନ୍ ହାଇସ୍କୁଲ ପଡ଼ିଆରେ ଦୀପାବଳି ପାଇଁ ବାଣ ଦୋକାନ କରିବାକୁ ତହସିଲଦାର ଶରତ କୁମାର ଗିରି ଅନୁମତି ଦେଇଛନ୍ତି। ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗତ ୪ ବର୍ଷ ଧରି ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିର ସମ୍ମୁଖ ଯଜ୍ଞ ପଡିଆରେ ବାଣ ହବ୍ କରାଯାଉଥିଲା। ହେଲେ ଚଳିତ ବର୍ଷ ବାଣ ଦୋକାନ କରିବା ପାଇଁ କଷଣଅକ୍ଟା ହାଇସ୍କୁଲ ପଡିଆକୁ ସ୍ଥିର କରାଯାଇଥିଲା। ମାତ୍ର ଏହାକୁ ସେଠାକାର ଗ୍ରାମବାସୀ ଓ ସାମାଜିକ କର୍ମୀମାନେ ବିରୋଧ କରିବାରୁ ଏମ୍‌ଏନ୍ ହାଇସ୍କୁଲ ପଡ଼ିଆରେ ବାଣ ଦୋକାନ(ହବ୍) କରିବାକୁ ତହସିଲଦାର ଅନୁମତି ଦେଇଥିବା ଜଣାପଡିଛି।

### ସାଧାରଣରେ ଅସନ୍ତୋଷ

ଏ ସମ୍ପର୍କରେ ହାଇସ୍କୁଲ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ବେହେରାଙ୍କୁ ପଚାରିବାରେ ୫/୬ ଦିନ ପୂର୍ବେ ତହସିଲଦାର ବାଣ ଦୋକାନ କରିବା ପାଇଁ କହିଥିଲେ। ହେଲେ ସେ ଏ ନେଇ ରାଜି ହୋଇ ନଥିଲେ। ତେବେ ଅନ୍ୟ କେଉଁଠି ସ୍ଥାନ ନ ଥିବାରୁ ଏମ୍‌ଏନ୍ ହାଇସ୍କୁଲ ପଡ଼ିଆରେ ବାଣ ଦୋକାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ତହସିଲଦାର କହିଥିଲେ ବୋଲି ପ୍ରଧାନଶିକ୍ଷକ ବେହେରା କହିଛନ୍ତି। ବାଣ ଦୋକାନ ଖୋଜାଯିବା ନିଷ୍ପତ୍ତି ବଦଳାଇବାକୁ ଦାବି କରିବା ସହ ଏ ନେଇ ଜିଲାପାଳଙ୍କୁ ଅଭିଯୋଗ କରାଯିବ ବୋଲି ଅଞ୍ଚଳବାସୀ କହିଛନ୍ତି।











“ ମନୁଷ୍ୟ ନିଜର ପ୍ରଗାଢ଼ ଅଧବସାୟ ଓ ଐକାନ୍ତିକ ତପସ୍ୟା ବଳରେ ଈଶ୍ୱରତ୍ୱ ମଧ୍ୟ ଲାଭ କରିପାରେ ।
- ମହର୍ଷି ବିଶ୍ୱାମିତ୍ର



## ସଂକ୍ଷେପରେ

### ଟ୍ରେନ୍‌ରୁ ଖସିପଡି ୩ ଗୁରୁତର

**ଯାଜପୁର ରୋଡ,୨୨।୧୦(ନି.ପ୍ର.):** ଯାଜପୁର-କେନ୍ଦୁଝର ରେଳଷ୍ଟେଶନ ନିକଟରେ ଫାଲକ୍‌ନାମା ଏକ୍ସପ୍ରେସ୍‌ରୁ ଖସିପଡି ୩ ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି । ଗୁରୁତର ଅବସ୍ଥାରେ ସେମାନଙ୍କୁ ଯାଜପୁର ରୋଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଚିକିତ୍ସିତ ପରେ ସମସ୍ତେ ଘରକୁ ଯାଇଥିବାର ଯାଜପୁର ରୋଡ ଆର୍‌ପିଏଫ୍ ପକ୍ଷରୁ ସୂତ୍ରରୁ ଜଣାପଡିଛି। ଗୁରୁତରମାନେ ହେଲେ ବାଲେଶ୍ୱର ଜିଲା ରେମୁଣା ଥାନା ଅନ୍ତର୍ଗତ ରସୁଲପୁର ଗ୍ରାମର ଅସିତ୍ ଜେନା (୧୪), ପଶ୍ଚିମବଙ୍ଗର ସେକ୍ ଆରିଫ୍ ଇମାନ (୨୨) ଓ ପଶ୍ଚିମବଙ୍ଗର ନାଜିର୍ ହୁସେନ୍ (୨୭) ବୋଲି ଜଣାପଡିଛି। ଏମାନେ ରେଳ୍‌ବଗି ବାଟ ଦୁଆର ମୁହଁରେ ବସିଥିଲେ। ଷ୍ଟେଶନରୁ ଟ୍ରେନ୍ ଛାଡିଲାବେଳେ ପ୍ଲାଟ୍‌ଫର୍ମରେ ଗୋଡ ବାଡେଇ ହୋଇଯିବାରୁ ପଡିଯାଇଥିଲେ। ଆର୍‌ପିଏଫ୍ ଏଏସ୍‌ଆଇ ମହେନ୍ଦ୍ର ବାରିକ୍, ହେଡ୍ କନଷ୍ଟେବଲ ଏସ୍. ମହାରଣା ଓ ଅନିଲ କୁମାର ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।

### ନାଥସାହିରେ ଭାଜପାର ବୈଠକ

**ଯାଜପୁର ଟାଉନ,୨୨।୧୦(ଡି.ଏନ୍.ଏ.):** ଯାଜପୁର ବ୍ଲକର ନାଥସାହି ପଞ୍ଚାୟତରେ ମଙ୍ଗଳବାର ଭାଜପାର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଗୌତମ ରାୟ ଏଥିରେ ଯୋଗଦେଇ ଭାରତ ସରକାରଙ୍କ ଲୋକାଭିମୁଖି କାର୍ଯ୍ୟକ୍ରମକୁ ଜନସାଧାରଣଙ୍କୁ ନିକଟରେ ପହଞ୍ଚାଇବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେବା ସହିତ କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟର ବିଜେଡି ସରକାର କିଭଳି ଆପଣାର ଯୋଜନା କହି ଲୋକଙ୍କ ଭୂଆଁ ବୁଲାଉଛି ସେସମ୍ପର୍କରେ ଉଲ୍ଲେଖ କରିଥିଲେ। କେନ୍ଦ୍ର ଯୋଜନା ଗୁଡିକରୁ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇ ଦଳୀୟ ଭିତ୍ତିରେ ହିତାଧିକାରୀ ଚୟନ କରୁଛି ତାକୁ ନେଇ ରାୟ ତୀବ୍ର ସମାଲୋଚନା କରିଥିଲେ। ତେବେ ଭାଜପା ଲୋକଙ୍କ ଅଧିକାର ଓ ନ୍ୟାୟ ପାଇଁ ଲଢେଇ ଜାରି ରଖିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଜିତାମିତ୍ର ଦାସ, ବରିଷ୍ଠ ନେତା ଭାସ୍କର ଚନ୍ଦ୍ର ଜେନା, ଦିପ୍ତିରେଖା ମିଶ୍ର, ପ୍ରଫୁଲ୍ଲ କୁମାର ସାହୁ, ଜିତେନ୍ଦ୍ର ବେହେରା, ବିଜୟ କୁମାର ବିହାରୀ, ଅନିଲ ମହାପାତ୍ର, ସୁଦାମ ପରିଡା, ହାଡିବନ୍ଧୁ ଓଝା, ସମରେନ୍ଦ୍ର ପହି, ଚଗୁଲୁ ପହି, ସୁବୋଧ ରାୟ, ରଜନୀକାନ୍ତ ପଣ୍ଡା, ରାଜେନ୍ଦ୍ର ରାୟ, ବିକାଶ ଦାସ, କାଶିନାଥ ବେହେରା, ବଟକୃଷ୍ଣ ଗୁଇଁ, ସୌରଭ ପାହିଲ, ରତିକାନ୍ତ ପହି, ଉପେନ୍ଦ୍ର ଗୁଇଁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ସଂଗଠନକୁ ଅଧିକ ମଜଭୁତ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ରଖିଥିଲେ।

### କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଯାଜପୁର ଟାଉନ,୨୨।୧୦(ଡି.ଏନ୍.ଏ.):** ଯାଜପୁର ବ୍ଲକ ଅନ୍ତର୍ଗତ ଜମଧରପୁର ପଞ୍ଚାୟତର ସପ୍ତେଶ୍ୱରପୁର ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ୧୫ ବିଦ୍ୟାଳୟର ୧୭୫ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଯୋଗଦେଇ ବହୁବିଧ ପ୍ରତିଯୋଗିତାଗୁଡ଼ିକରେ ଭାଗ ନେଇଥିଲେ। ଏମାନଙ୍କ ମଧ୍ୟରେ ପ୍ରତିଭା ଚୟନ କମିଟି ଓ ବିଚାରକମାନେ ପ୍ରତିଯୋଗୀ ବାଛି ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ସ୍ୱୀକୃତି ପ୍ରଦାନ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ସ୍ମୃତିରେଖା ନାୟକ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ସରକାରଙ୍କ ଏହି ଯୋଜନାର ଲକ୍ଷ୍ୟ, ଆଭିମୁଖ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ସବିଶେଷ ବର୍ଣ୍ଣନା କରିଥିଲେ। ସୁରଭି ଜରିଆରେ ଜଣେ ପିଲା ଅତି ଅଳ୍ପ ବୟସରୁ ତାର ଭବିଷ୍ୟତ ଗଠନ ପାଇଁ କ୍ଷେତ୍ର ପ୍ରସ୍ତୁତି କରିପାରିବ। ଏହି ପ୍ରତିଯୋଗିତା ଜଣେ ବିଦ୍ୟାର୍ଥୀଙ୍କୁ ଆଗକୁ ନେଇପାରିବ ବୋଲି ନାୟକ କହିଥିଲେ। ବିଦ୍ୟାଳୟର ପରିବେଶ ଅତ୍ୟନ୍ତ ସ୍ୱଚ୍ଛ ଓ ପ୍ରାକୃତିକ ଭରା ହୋଇଥିବାରୁ ମୁଖ୍ୟଅତିଥି ଏହାର ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ଅଭୟ କୁମାର ବିଶ୍ୱାଳ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିମଳେନ୍ଦ୍ର ପତି, ନିରଞ୍ଜନ ଜେନା ଓ ସିଆର୍‌ସିସି ସନ୍ତୋଷ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ପର୍ଶୁରାମ ସାହୁ ଧନ୍ୟବାଦ ଦେଇଥିଲେ।

## ନଭେମ୍ବର ୨୭ରେ ଜିଲା ପରିଷଦ ସଭ୍ୟ ଉପନିର୍ବାଚନ

# ୮ ନମ୍ବର ଜୋନ୍‌ରେ ହେବ ପୁଣି ଲଢ଼େଇ

- ବିଜେଡି, ଭାଜପା ପାଇଁ ସମ୍ମାନର ପ୍ରଶ୍ନ
- ବରୀ ବ୍ଲକର ଅଙ୍ଗାଲୋ ପଞ୍ଚାୟତ ସମିତି ପାଇଁ ହେବ ଉପନିର୍ବାଚନ
- ବଡ଼ଚଣା ବ୍ଲକ ବିକ୍ରମତିରଣ ଓ ଧର୍ମଶାଳା ବ୍ଲକ କ୍ଷେତ୍ରପାଳ ପଞ୍ଚାୟତରେ ହେବ ସରପଞ୍ଚ ଉପନିର୍ବାଚନ

**ଯାଜପୁର ଅଫିସ,୨୨।୧୦**

ଯାଜପୁର ଜିଲା ସୁକିନ୍ଦା ନିର୍ବାଚନ ମଣ୍ଡଳି ଦାନଗଦୀ ବ୍ଲକ ଅଧିନସ୍ଥ ୮ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ଉପନିର୍ବାଚନ ପାଇଁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ନଭେମ୍ବର ୨୭ରେ ମତଦାନ କରିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନ ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ସୁକିନ୍ଦା ନିର୍ବାଚନମଣ୍ଡଳିରେ ରାଜନୈତିକ ବାତାବରଣ ବେଶ୍ ସରଗରମ୍ ହୋଇଉଠିଛି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୮ନମ୍ବର ଜୋନ୍‌ରୁ ବିଜୟ ଲାଭ କରିଥିବା ବିଜେଡିର ପ୍ରତାପ କୁମାର ଧିର ପରବର୍ତ୍ତୀ ସମୟରେ ଭାଜପାରେ ଯୋଗ ଦେବା ପରେ ଜିଲା ପରିଷଦ ସଭ୍ୟରୁ ଇସ୍ତଫା ଦେଇଥିଲେ। ସେବେଠାରୁ ଉକ୍ତ ଆସନ ଖାଲି ପଡ଼ିଥିଲା। ତେବେ ଏହି ଉପନିର୍ବାଚନ ଉଭୟ ବିଜେଡି ଓ ଭାଜପା ପାଇଁ ସମ୍ମାନର ପ୍ରଶ୍ନ ବୋଲି ଏବେଠୁ ରାଜନୈତିକ ମହଲରେ ଆଲୋଚନା ହେଉଛି।

ଗତ ସାଧାରଣ ନିର୍ବାଚନରେ ସୁକିନ୍ଦା ନିର୍ବାଚନମଣ୍ଡଳିରେ ଭାଜପାର ପ୍ରଦୀପ ବଳ ସାମନ୍ତ(ଗୁଟୁ)ଙ୍କୁ ପ୍ରାୟ ୧୫ ହଜାର ଭୋଟ ବ୍ୟବଧାନରେ ହରାଇ ବିଜେଡିର ପ୍ରୀତିରଞ୍ଜନ ଘଡ଼େଇ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ନିର୍ବାଚନ ସମୟରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ହେଲେ ଶେଷ ମୁହୂର୍ତ୍ତରେ ବିଜେଡି ଗୋଟି ଚାଳନାରେ ସଫଳ ହୋଇଥିଲା। ଏହାପୂର୍ବରୁ ୨୦୧୭ ତ୍ରିସ୍ତରୀୟ ନିର୍ବାଚନରେ ୮ନମ୍ବର ଜୋନ୍‌ରେ ଭାଜପାର ପବିତ୍ର ମହାପାତ୍ରଙ୍କୁ ୧୪୮୦ଭୋଟ ବ୍ୟବଧାନରେ ବିଜେଡିର ପ୍ରତାପ କୁମାର ଧୀର ବିଜୟୀ ହୋଇ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନରେ ଭାଜପାର ମହାପାତ୍ର ୮,୮୮୨ ଭୋଟ ପାଇଥିବାବେଳେ ବିଜେଡିର ପ୍ରତାପ କୁମାର ଧୀର ୧୦,୩୬୨ ଭୋଟ ପାଇଥିଲେ। ହେଲେ ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିଧାୟକ ଘଡ଼େଇ ଓ ଜିଲା ପରିଷଦ ସଭ୍ୟ ଧୀରଙ୍କ ମଧ୍ୟରେ ମତାନ୍ତର ହୋଇଥିଲା। ଜିଲା ପରିଷଦ ସଭ୍ୟ ଧୀର ଟମ୍କା ଖଣି ଅଞ୍ଚଳର ବଳି ପର୍ବତ ଆସୋସିଏଶନର ସମ୍ପାଦକ ରହିଥିଲେ। କୌଣସି କାରଣରୁ ବିଧାୟକ ଘଡ଼େଇ ତାଙ୍କୁ ଏହି ପଦବୀରୁ କାଢି ଦେଇଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ଧୀର ବିଜେଡି ଓ ଜିଲା ପରିଷଦ ସଭ୍ୟରୁ ଇସ୍ତଫା ଦେଇ ଭାଜପାରେ ଯୋଗ ଦେଇଥିଲେ। ଅପରପକ୍ଷେ ପଞ୍ଚାୟତ ନିର୍ବାଚନରେ ଭାଜପାରୁ ଲଢିଥିବା ପବିତ୍ର ମହାପାତ୍ର ବିଜେଡିରେ ଯୋଗ ଦେଇଥିଲେ। ତେଣୁ ୮ ନମ୍ବର ଜୋନ୍ ଜିଲା ପରିଷଦ ଉପନିର୍ବାଚନ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହୋଇପାରେ ବୋଲି ଆଲୋଚନା ହେଉଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ମୁତାବକ ଆସନ୍ତା ୩୧ ତାରିଖରୁ ନଭେମ୍ବର ୨ ତାରିଖ ତାରିଖ ମଧ୍ୟରେ ନାମାଙ୍କନ ପତ୍ର ଦାଖଲ ହେବ। ନଭେମ୍ବର ୪ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ୫ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ନଭେମ୍ବର ୭କୁ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ରଖାଯାଇଛି। ନଭେମ୍ବର ୨୭ରେ ମତଦାନ, ୨୮ରେ ଭୋଟ ଗଣତି ଏବଂ ୩୦ରେ ନିର୍ବାଚିତ ପ୍ରତିନିଧିଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରାଯିବ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ସେହିପରି ଯାଜପୁର ଜିଲା ବରୀ ବ୍ଲକର ଅଙ୍ଗାଲୋ ଗ୍ରାମ ପଞ୍ଚାୟତରେ ନଭେମ୍ବର ୨୭ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ବରୀ ବିଧାୟିକା ପୂର୍ବରୁ ଅଙ୍ଗାଲୋ ପଞ୍ଚାୟତର ସମିତି ସଭ୍ୟ ନିର୍ବାଚିତ ହୋଇ ବ୍ଲକ ଅଧକ୍ଷା ହୋଇଥିଲେ। ତେବେ ଅଧକ୍ଷା ପଦବୀ ଛାଡ଼ି ବିଧାୟକ ନିର୍ବାଚିତ ହେବା ପରେ ଅଙ୍ଗାଲୋ ସମିତିସଭ୍ୟ ପଦବୀ ଖାଲି ପଡିଛି। ସେହିପରି ବଡ଼ଚଣା ବ୍ଲକ ଅନ୍ତର୍ଗତ ବିକ୍ରମତିରଣ ଓ ଧର୍ମଶାଳା ବ୍ଲକ କ୍ଷେତ୍ରପାଳ ଗ୍ରାମ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ନଭେମ୍ବର ୨୭ ତାରିଖରେ ଉପନିର୍ବାଚନ ହେବ। ଏହାବାଦ ଦଶରଥପୁର ବ୍ଲକର ଚିତାଳୋ, କମାରଡିହ, ଧର୍ମଶାଳା ବ୍ଲକର ପରୁଣିଆ, ନେଉଳପୁର, ଚକ୍ରଧରପୁର ଓ ଅରାବଳ, ରସୁଲପୁର ବ୍ଲକର ଲକ୍ଷ୍ମୀନଗର, କଳଣ, ରସୁଲପୁର ପଞ୍ଚାୟତର ୩ଟି ୱାର୍ଡ ପାଇଁ ଉପନିର୍ବାଚନ ହେବ। ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବିଶେଷକରି ଦଳୀୟ ଚିହ୍ନରେ ଭୋଟ ହେଉଥିବା ଜିଲା ପରିଷଦ ସଭ୍ୟ ନିର୍ବାଚନ ପାଇଁ ଉତ୍କଣ୍ଠା ଦେଖା ଦେଇଛି। ଭାଜପାରୁ ବିଜେଡିକୁ ଆସିଥିବା ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରତାପ ଧୀର ଓ ଭାଜପାରୁ ବିଜେଡିକୁ ଆସିଥିବା ପବିତ୍ର ମହାପାତ୍ର ଉଭୟ ଦଳର ସମ୍ଭାବ୍ୟ ପ୍ରାର୍ଥୀ ହେବାର ଅଧିକ ସମ୍ଭାବନା ରହିଥିବା ଆଲୋଚନା ହେଉଛି। ତେବେ ଏହି ଜୋନ୍‌ର ଗୋବର୍ଦ୍ଧନପୁର ପଞ୍ଚାୟତ କଂଗ୍ରେସର ଗଡ଼ ଭାବେ ପରିଚିତ। ତେବେ ଏଯାଏ ପ୍ରାର୍ଥୀ ଘୋଷଣା ହୋଇ ନଥିବାରୁ ହାରଜିତ ଉପରେ କିଛି କହିହେବ ନାହିଁ ବୋଲି ମଧ୍ୟ କେତେକ ମତପ୍ରକାଶ କରିଛନ୍ତି। ଏହି ଜୋନରେ ପୂର୍ବରୁ ବିଜେଡି ପ୍ରାର୍ଥୀ ବିଜୟୀ ହୋଇ ଆସିଛନ୍ତି। ତେବେ ପୂର୍ବାପେକ୍ଷା ଗତ ପଞ୍ଚାୟତ ଓ ସାଧାରଣ ନିର୍ବାଚନରେ ଭାଜପାର ଭୋଟହାର କ୍ରମଶଃ ବୃଦ୍ଧି ପାଇଥିବାରୁ ଉପନିର୍ବାଚନର ଫଳାଫଳ କ'ଣ ରହିବ ତା ଉପରେ ସମସ୍ତଙ୍କ ନଜର ରହିଛି।

## କବି ମଞ୍ଜୁଳ କୃଷ୍ଣ ପ୍ରସାଦଙ୍କ ଜୟନ୍ତୀ ପାଳନ

**ଯାଜପୁର ଟାଉନ,୨୨।୧୦(ଡି.ଏନ୍.ଏ.)**

ଯାଜପୁର ସହର ମାଟିର ସୁଯୋଗ୍ୟ ସନ୍ତାନ ତଥା ଓଡ଼ିଆ ସାହିତ୍ୟର ଉଜ୍ଜ୍ୱଳ ରତ୍ନ କବି ମଞ୍ଜୁଳ କୃଷ୍ଣ ପ୍ରସାଦ ବସୁଙ୍କ ଜୟନ୍ତୀକୁ ଅନନ୍ୟା ସାହିତ୍ୟ ସଂସଦ ଏବଂ ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ପକ୍ଷରୁ ପାଳନ କରାଯାଇଛି। ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଅନନ୍ୟା ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ନନ୍ଦ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲାପାଳ ରଞ୍ଜନ କୁମାର ଦାସ ଯୋଗଦେଇ କବି ମଞ୍ଜୁଳଙ୍କ ସାହିତ୍ୟ କୃତି ବିଶେଷ କରି ପାଲା ସାହିତ୍ୟକୁ ତାଙ୍କର ଅବଦାନ ଉପରେ ବିଶେଷ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣୀ ନାୟକ ଯୋଗଦେଇ କବି ମଞ୍ଜୁଳଙ୍କ କାଳଜୟୀ ସାହିତ୍ୟ ଯୁଗେ ଯୁଗେ ବଞ୍ଚି ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପଣ୍ଡିତ ସୂର୍ଯ୍ୟମଣୀ ଖୁଣ୍ଟିଆ, ଶିକ୍ଷାବିତ ପ୍ରଫୁଲ୍ଲ ଚନ୍ଦ୍ର ସାମଲ, କବି ମଞ୍ଜୁଳଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ କାହ୍ନୁ ଚରଣ ମିଶ୍ର ପ୍ରାକ୍ ସୂଚନା ରଖିଥିବାବେଳେ ସଂଗଠନର ସମ୍ପାଦକ ହୃଷିକେଶ ପତି ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ପୂର୍ଣ୍ଣ ଚନ୍ଦ୍ର ସାମଲ, ସାଂସ୍କୃତିକ ସମ୍ପାଦକ ପାଣ୍ଡବ ସାହୁ, ଉପସଭାପତି ବିଭୂତି ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ‘ସଖୀ’ ୱାନ୍ ଷ୍ଟପ୍ ସେଣ୍ଟର କର୍ମଶାଳା



ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଉପସ୍ଥିତ ଅଧିକାରୀ।

**ଯାଜପୁର ଟାଉନ, ୨୨।୧୦(ଡି.ଏନ୍.ଏ.)**

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର “ସଖୀ ” ୱାନ୍ ଷ୍ଟପ୍ ସେଣ୍ଟର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ଜିଲାପାଳ ରଞ୍ଜନ କୁମାର ଦାସ ଅଧ୍ୟକ୍ଷତା କରିଥିବାବେଳେ ଜିଲାର ସମସ୍ତ ବ୍ଲକର ସିଡିପିଓ, ସୁପରଭାଇଜର ଓ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି କର୍ମଶାଳାକୁ ଜିଲା ସମାଜ କଲ୍ୟାଣ ଅଧିକାରିଣୀ ବିଜୟଲକ୍ଷ୍ମୀ ପଣ୍ଡା ପରିଚାଳନା କରିବା ସଙ୍ଗେ ସଙ୍ଗେ ସଖୀ କିପରି ନିର୍ଯାତିତ ଓ ନିଷ୍ପେସିତ ବୋଲି ବର୍ଣ୍ଣନା କରିଥିବାବେଳେ ପୀଡ଼ିତା ମହିଳାଙ୍କୁ କିପରି ସୁରକ୍ଷା ଓ ସହାୟତା ପ୍ରଦାନ କରାଯାଇଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ୱାନ୍ ଷ୍ଟପ୍ ସେଣ୍ଟର ମୁଖ୍ୟ ପରିଚାଳିକା ବିଜୟଶ୍ରୀ ବାରିକ ବିଗତ ଦିନର ଅଭିଜ୍ଞତା ଏବଂ କାର୍ଯ୍ୟ ଦକ୍ଷତା ବାବଦରେ ବିବରଣୀ ପ୍ରଦାନ କରିଥିଲେ। ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ରୀତା ବେହେରା, ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଡିଏସ୍‌ପି ରବୀନ୍ଦ୍ର କୁମାର ଜେନା, ଯାଜପୁର ବାର ଆସୋସିଏଶନ୍‌ର ସଭାପତି ପ୍ରଫୁଲ୍ଲ ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜ ନିଜର ମତ ପ୍ରଦାନ କରିଥିଲେ। ଜିଲାପାଳ ସଖୀ ବିଷୟରେ ନିଜର ମତ ପ୍ରଦାନ କରିବା ସହିତ ଏହାର କାର୍ଯ୍ୟକ୍ରମର ବିକାଶ ତଥା ଏହାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଅବଗତ କରାଇଥିଲେ।

## ଆଜି ରାଜ୍ୟସ୍ତରୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ

**ଧର୍ମଶାଳା,୨୨।୧୦(ଡି.ଏନ୍.ଏ.)**

ରାଜ୍ୟ ଦୃଷ୍ଟିହୀନ କ୍ରିକେଟ ଆସୋସିଏଶନ ଓଡ଼ିଶା ପକ୍ଷରୁ ରାଜ୍ୟସ୍ତରୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ଧର୍ମଶାଳା ବ୍ଲକ ଜାରକାଠାରେ ଆରମ୍ଭ ହେବ। ବୁଧବାରଠାରୁ ସ୍ଥାନୀୟ କଳ୍ପତରୁ ଦାସ ଷ୍ଟାଡିୟମଠାରେ ଆୟୋଜିତ ପ୍ରତିଯୋଗିତାରେ ରାଜ୍ୟର ୧୨ ଜିଲାର ଦୃଷ୍ଟିହୀନ କ୍ରୀଡାପ୍ରେମୀ ଅଂଶ ଗ୍ରହଣ କରିବେ ଆସୋସିଏଶନର ସଭାପତି ମହମ୍ମଦ ଜାଫର ସୂଚନା ଦେଇଛନ୍ତି। ୪ ଦିନବ୍ୟାପୀ ହେବାକୁ ଥିବା ପ୍ରତିଯୋଗିତାରେ ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, କଟକ, ବରଗଡ, କୋରାପୁଟ, ନବରଙ୍ଗପୁର ଓ ଖୋର୍ଦ୍ଧା ଜିଲାରୁ ବହୁ କ୍ରୀଡାପ୍ରେମୀ ଅଂଶ ଗ୍ରହଣ କରୁଛନ୍ତି।

## ତହସିଲ ପକ୍ଷରୁ ଚଢ଼ାଉ, ୨ ହାଇୱା ଜବତ

**ଧର୍ମଶାଳା,୨୨।୧୦ (ଡି.ଏନ୍.ଏ.)**





ଜବତ ମାଟି ବୋଝେଇ ହାଇୱା।

ଧର୍ମଶାଳା ତହସିଲ ଅନ୍ତର୍ଗତ ବାଜବାଟି ପାହାଡରୁ ବେଆଇନ ଭାବେ ମାଟି ପରିବହନ କରୁଥିବାବେଳେ ମଙ୍ଗଳବାର ଅତିରିକ୍ତ ତହସିଲଦାର ଚଢ଼ାଉ କରି ୨ ହାଇୱାକୁ ଜବତ କରିଛନ୍ତି। ଜବତ ଗାଡି ୨ଟିକୁ ଜାରକା ଆଉଟ୍ ପୋଷ୍ଟରେ ରଖାଯାଇଛି। ଏ ନେଇ ଗାଡି ମାଲିକଙ୍କ ଠାରୁ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ମହାନ୍ତି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଅତିରିକ୍ତ ତହସିଲଦାରଙ୍କ ସହ ନାକପୋଲ ଏଆର୍‌ଆଇ ଚନ୍ଦନ କୁମାର ସାହୁ ଧର୍ମଶାଳା/କବାଟବନ୍ଧ ରାସ୍ତାର ଜାରକାଠାରେ ଚଢ଼ାଉ କରିଥିଲେ। ଏହି ସମୟରେ ବେଆଇନଭାବେ ପରିବହନ କରୁଥିବା ହାଇୱା ଗାଡି ୨କୁ ଜବତ କରିଥିଲେ।

**ପିଇଓ ସ୍ମିତାରାଣୀ ମୃତ୍ୟୁ ମାମଲା**

# କଲମଛାଡ଼ ଆନ୍ଦୋଳନକୁ ଓହ୍ଲାଇଲା ପିଇଓ, ଜିଆର୍‌ଏସ୍ ସଂଘ

**ରସୁଲପୁର/ଧର୍ମଶାଳା,୨୨।୧୦(ଡି.ଏନ୍.ଏ.)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣା ଦିନକୁ ଦିନ ଭିନ୍ନ ମୋଡ଼ ନେଉଛି। ରାଜନୈତିକ ଦଳ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ, ବିଶେଷକରି ଅମଲା ସଂଘ ଆଦି ବିଭିନ୍ନ ମହଲରୁ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ଦାବି ହେଉଛି। ଏହି କ୍ରମରେ ମଙ୍ଗଳବାର ମାମଲାର ବିଚାର ବିଭାଗୀୟ ତଦନ୍ତ ଦାବି କରି ଧର୍ମଶାଳା ବ୍ଲକ ପିଇଓ ଓ ଜିଆର୍‌ଏସ୍ ସଂଘ କମଲଛାଡ଼ ଆନ୍ଦୋଳନ କରିଛନ୍ତି। ଯାଜପୁର ଜିଲା ପିଇଓ ସଂଘ ପକ୍ଷରୁ ଏନେଇ ନୀରବ ଶୋଭାଯାତ୍ରା କରାଯିବା ନେଇ ଆଲୋଚନା ଜାରି ରହିଛି। ଉଭୟ ସଂଘ ପକ୍ଷରୁ ଧର୍ମଶାଳା ବିଡିଓଙ୍କ ଜରିଆରେ ଏକ ୫ଦଫା ସମ୍ବଳିତ

**୫୦ଲକ୍ଷ ଟଙ୍କା ସହାୟତା ଦାବି କଲା ସଂଘ**

ଦାବିପତ୍ର ପ୍ରଦାନ କରାଯାଇଛି। ମୃତା ସ୍ମିତାରାଣୀଙ୍କୁ ଉଚିତ ନ୍ୟାୟ ଦେବା ସହିତ କାର୍ଯ୍ୟରତ ସମୟରେ ମୃତ୍ୟୁ ଘଟିଥିବାରୁ ତାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର ସହାୟତା ଯୋଗାଇଦେବାକୁ ସଂଘ ଦାବି କରିଛି। ଏଥିସହ ପୋଲିସର ତଦନ୍ତ ଉପରେ ସଂଘ ଭରଷା କରିପାରୁ ନାହିଁ। ଏହାର ନ୍ୟାୟିକ ତଦନ୍ତ ଦାବି କରିବା ସହ ଏ ସମ୍ପର୍କରେ ସ୍ଥାନୀୟ ବିଡିଓ ଏକ ଅଭିଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି। ତୃଣମୂଳସ୍ତରରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଅନୁରୋଧ ମଧ୍ୟ କରାଯାଇଛି। ଏ ଦିଗରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ବିହୀତ ପଦକ୍ଷେପ ନିଆ ନ ଗଲେ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚରମବାଣୀ ଶୁଣାଇଛି। ସ୍ମିତାରାଣୀଙ୍କୁ ନ୍ୟାୟ ଦାବିରେ ଚୋରାମୁହାଁ ଗ୍ରାମବାସୀଙ୍କ ପକ୍ଷରୁ ସନ୍ଧ୍ୟାରେ ଏକ ମହମବତୀ ଶୋଭାଯାତ୍ରା କରାଯାଇଛି। ଅପରପକ୍ଷରେ ମୃତା ସ୍ମିତାରାଣୀଙ୍କ ସ୍ୱାମୀ ସୁଶୀଲ ବିଶ୍ୱାଳ ରାଜ୍ୟ ମହିଳା କମିଶନ, ଓଡିଶା ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି।





ବ୍ଲକ ସମ୍ମୁଖରେ ଦିଆଯାଇଥିବା ଧାରଣା





ଚୋରାମୁହାଁ ଗ୍ରାମବାସୀଙ୍କ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

### ସରପଞ୍ଚଙ୍କ ଗିରଫ ଦାବି କଲା କଂଗ୍ରେସ

ସ୍ମିତାରାଣୀ ମୃତ୍ୟୁ ମାମଲାକୁ ନେଇ ଘଣ୍ଟାଚକଟା ଚାଲିଥିବାବେଳେ ତଦନ୍ତ ପ୍ରକ୍ରିୟା ଠିକ୍ ରାସ୍ତାରେ ଚାଲିଛି ବୋଲି ଏସ୍‌ପି ଚରଣ ସିଂ ମୀନାଙ୍କ ମନ୍ତବ୍ୟକୁ ବିରୋଧୀ ଭାଜପା ହଜମ କରିପାରୁ ନାହିଁ। ସେହିପରି ହରିଦାସପୁର ସରପଞ୍ଚ ମଧୁସ୍ମିତା ଭଦ୍ରଙ୍କ ମନ୍ତବ୍ୟକୁ ପ୍ରାୟୋଜିତ ବୋଲି କହିଛନ୍ତି ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ସ୍ମୃତିରେଖା ପହୀ। ତାଙ୍କ ମତରେ ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁର ୪ଦିନ ପରେ ସରପଞ୍ଚ କାହିଁକି ମୁହଁ ଖୋଲିଲେ। ସେ ଦେଇଥିବା ମନ୍ତବ୍ୟ ଜଣେ ମହିଳାଙ୍କ ଶବକୁ ଅସମ୍ମାନ କରିଛି। ମୃତା ପିଇଓଙ୍କ ତାଙ୍କ ସିନ୍ଦୁର ଉପରେ ନଜର ଥିଲା। ସେ ସମ୍ପତ୍ତି ଲୋଭରେ ତାଙ୍କ ସ୍ୱାମୀଙ୍କୁ ଫସାଇବାକୁ ଚାହୁଁଥିଲେ। ଏ କଥା ସରପଞ୍ଚ ଭଦ୍ର କେମିତି ଜାଣିଲେ ବୋଲି ସ୍ମୃତିରେଖା ପ୍ରଶ୍ନ କରିଛନ୍ତି। ଆହୁରି ସେ କହିଛନ୍ତି ଯେ ସରପଞ୍ଚ ଯଦି ଏ କଥା ଆଗରୁ ଜାଣିଥିଲେ ତେବେ କ'ଣ ପଦକ୍ଷେପ ନେଇଥିଲେ। ଆଉ ଯଦି ଜାଣିଶୁଣି ସେ ପିଇଓଙ୍କୁ ଏହି କାର୍ଯ୍ୟରେ ସହଯୋଗ କରୁଥିଲେ, ତେବେ ସେ ମଧ୍ୟ ପିଇଓଙ୍କ ମୃତ୍ୟୁ ପାଇଁ ଏକ ପ୍ରକାର ଦାୟୀ। ତାଙ୍କୁ ପୋଲିସ ଆତ୍ମହତ୍ୟା କରିବାକୁ ପ୍ରୋତ୍ସାହିତ କରିଥିବା ଦଫାରେ ତୁରନ୍ତ ଗିରଫ କରୁ ବୋଲି ସ୍ମୃତିରେଖା ଦାବି କରିଛନ୍ତି।

### ମିଳୁନି ଭତ୍ତା ବହି ଓ ବଳକା ଟଙ୍କା

ଗତ ୧୬ତାରିଖରେ ଭତ୍ତା ବାଣ୍ଟିବାକୁ ଯାଇ ଆଉ ବ୍ଲକକୁ ଫେରି ନ ଥିଲେ ପିଇଓ ସ୍ମିତାରାଣୀ। ଅଭିଯୁକ୍ତ ରୂପେଶ ଭଦ୍ରଙ୍କ ଗେଷ୍ଟ ହାଉସକୁ ମଧ୍ୟାହ୍ନ ଭୋଜନ ପାଇଁ ଯାଇଥିଲେ। ସେଠାରେ ତାଙ୍କ ସନ୍ଦେହଜନକ ଭାବରେ ମୃତ୍ୟୁ ହୋଇଥିଲା। ସେ ଭତ୍ତା ବାଣ୍ଟିବାକୁ ସାଙ୍ଗମଗରେ ନେଇଥିବା ବହି ଓ ବଳକା ଟଙ୍କା କୁଆଡ଼େ ଗଲା ତାର ଖବର କାହାରି ପାଖରେ ନାହିଁ। ଏଦିଗରେ ପୋଲିସ ମୁହଁ ଖୋଲୁ ନ ଥିବାବେଳେ ବିଡିଓ ହେମନ୍ତ ସ୍ୱାଇଁ ସେ ସବୁ କାଗଜାଦ କେଉଁଠି ଅଛି ସେ ଜାଣି ନାହାଁନ୍ତି। ତେବେ ଏ ନେଇ ସେ ପୋଲିସକୁ ଚିଠି ଜରିଆରେ ଜଣାଇଛନ୍ତି। ଯଦି ଆଲ୍‌ମିରାରେ ଥାଏ, ଆଉ ତାର ଚାବି ନ ମିଳେ। ତେବେ ଉପଜିଲାପାଳଙ୍କ ଠାରୁ ଅନୁମତି ଆଣି ଚାବି ଭାଙ୍ଗିବେ ବୋଲି ପ୍ରକାଶ କରିଛନ୍ତି।

### ଭତ୍ତା ବାଣ୍ଟିବାରେ ବ୍ୟବହୃତ କାର୍ ଏବେ କେଉଁଠି

ଗତ ୧୬ତାରିଖ ବୁଧବାର ପିଇଓ ସ୍ମିତାରାଣୀ ଚାରିବାଟିଆ, ଭଡ଼ଙ୍ଗା ଓ ସୁଭଦ୍ରାପୁର ଗ୍ରାମକୁ ଭତ୍ତା ବାଣ୍ଟିବାକୁ ଯାଇଥିଲେ। ତାଙ୍କ ସାଙ୍ଗରେ ସରପଞ୍ଚ ମଧୁସ୍ମିତା ଭଦ୍ର, ସରପଞ୍ଚଙ୍କ ସ୍ୱାମୀ ରୂପେଶ ମଧ ତାଙ୍କ ସହ ସେହି ଗାଁକୁ ଯାଇଥିଲେ। ସେମାନେ ଏକ ଧଳା କାର୍‌ରେ ଉକ୍ତ ଗାଁକୁ ଯାଇଥିଲେ। ତେବେ ଉକ୍ତ କାର୍‌କୁ ପୋଲିସ ଜବତ କରିବାରେ ବିଫଳ ହୋଇଛି। ମୃତା ପିଇଓଙ୍କୁ ଗେଷ୍ଟ ହାଉସରୁ ଡାକ୍ତରଖାନାକୁ ଅଣାଯାଇଥିବା ଗାଡିକୁ ପୋଲିସ ଜବତ କରିଛି ବୋଲି କହୁଛି। ହେଲେ ଭତ୍ତା ବାଣ୍ଟିବାକୁ ଯିବା ପାଇଁ ବ୍ୟବହାର ହୋଇଥିବା କାର୍‌ଟି ଏବେ କେଉଁଠି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

### ବେଆଇନ ଜମିରେ ଗେଷ୍ଟ ହାଉସ! ତହସିଲଦାର ଚୁପ୍ କାହିଁକି?

ରୂପେଶ ଭଦ୍ର ବ୍ୟବହାର କରୁଥିବା ଗେଷ୍ଟ ହାଉସ ସରକାରୀ ଜମି ଉପରେ ନିର୍ମାଣ ହୋଇଛି। ଏ ସମ୍ପର୍କରେ ପୂର୍ବରୁ ଏକ ଜବରଦଖଲ ମାମଲା ହୋଇଛି। ଏଥିପାଇଁ ଗେଷ୍ଟ ହାଉସ ମାଲିକଙ୍କୁ ଜରିମାନା ମଧ ଦେବାକୁ ପଡ଼ିଛି। ତେବେ ଉକ୍ତ ଗେଷ୍ଟ ହାଉସକୁ ଭାଙ୍ଗି ଦିଆଯାଇଛି ବୋଲି କାଗଜ ପତ୍ରରେ ଦର୍ଶାଯାଇଥିବାବେଳେ ବାସ୍ତବରେ ତାହା ମିଥ୍ୟା ଅଟେ। ସେହି ଗେଷ୍ଟ ହାଉସରେ ପିଇଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏହା ସବୁ ଜାଣିବି ଧର୍ମଶାଳା ତହସିଲଦାର ଚୁପ୍ କାହିଁକି ବୋଲି ଜନସାଧାରଣଙ୍କ ମନରେ ସ୍ୱତଃ ପ୍ରଶ୍ନ ଆସୁଛି। ଏନେଇ ତହସିଲଦାରଙ୍କୁ ପଚାରିବାରୁ ଗେଷ୍ଟହାଉସ ସରକାରୀ ଜମି ଉପରେ ନିର୍ମାଣ ହୋଇଛି ବୋଲି ସ୍ୱୀକାର କରିଛନ୍ତି। ଏନେଇ ପୋଲିସ ମଧ ଉକ୍ତ ଜାଗାର କାଗଜପତ୍ର ମାଗିଥିଲେ। ଉକ୍ତ କାଗଜପତ୍ରକୁ ପୋଲିସକୁ ଦିଆଯାଇଛି। ତଦନ୍ତ ଚାଲିଛି। ଉପରୁ ନିର୍ଦ୍ଦେଶ ଆସିବା ପରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।

### ତଥ୍ୟ ଦେବାକୁ ଅମଙ୍ଗ

ଏତେ ସବୁ ଅଭିଯୋଗ ପରେ ବି ପୋଲିସ ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ବା ତଥ୍ୟ ମିଳି ପାରୁନାହିଁ। ତଦନ୍ତରେ ବାଧା ଉପୁଯିବା ଆଳରେ ପୋଲିସ, ତହସିଲଦାର ଓ ବିଡିଓ ସମସ୍ତେ ଅଧିକ କିଛି ତଥ୍ୟ ଦେବାକୁ ଅମଙ୍ଗ ହେଉଛନ୍ତି। ତଦନ୍ତ ପ୍ରକ୍ରିୟାକୁ ବାଟବଣା କରିବାକୁ ପ୍ରୟାସ କରାଯାଉଛି ବୋଲି ଅଭିଯୋଗ ହେଉଛି। କହିବାକୁ ଗଲେ ମାମଲାର ନିରପେକ୍ଷ ତଦନ୍ତ ହେବା ସହ ମୃତା ପିଇଓଙ୍କ ପରିବାରକୁ ନ୍ୟାୟ ମିଳୁ ବୋଲି ବିଭିନ୍ନ ମହଲରୁ ଦାବି ଜୋର ଧରୁଛି।



ମନୁଷ୍ୟ ନିଜର ପ୍ରଗାଢ଼ ଅଧ୍ୟବସାୟ ଓ ଐକାନ୍ତିକ ତପସ୍ୟା ବଳରେ ଈଶ୍ୱରତ୍ୱ ମଧ୍ୟ ଲାଭ କରିପାରେ ।
- ମହର୍ଷି ବିଶ୍ୱାମିତ୍ର



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଗୁରୁତର ବୃଦ୍ଧଙ୍କ ମୃତ୍ୟୁ

**ଖଣ୍ଡପଡ଼ା,୨୨।୧୦(ସ୍ୱ.ପ୍ର.)-** ଖଣ୍ଡପଡ଼ା ବ୍ଲକ ଅଧୀନ ବାହାଡ଼ା-ଭୀମପଡ଼ା ରାସ୍ତା ବାଇଗୁଣିଆ ଗ୍ରାମ ତାରେଣୀ ଛକ ନିକଟରେ ଏକ ବାଇକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବା ବୃଦ୍ଧ ମାଗି ବେହେରା(୬୬)ଙ୍କ ରାତି ପ୍ରାୟ ୨ଟାରେ ମୃତ୍ୟୁ ହୋଇଛି । ସୋମବାର ଅପରାହ୍ନ ୪ଟାରେ ବୃଦ୍ଧ ଜଣକ ରାସ୍ତା ପାରହେଉଥିବା ବେଳେ ବାଘୁଆପଲ୍ଲୀରୁ ବାହାଡ଼ା ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କାଦେବାରୁ ସେ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ । ଆହତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି । ଦୁର୍ଘଟଣା ଘଟାଇଥିବା ବାଇକକୁ ସ୍ଥାନୀୟ ଗ୍ରାମବାସୀ ଅଟକ ରଖିଛନ୍ତି।

### ଶିଶୁ ମହୋତ୍ସବ ସୁରଭି

**ଖଣ୍ଡପଡା, ୨୨।୧୦(ସ୍ୱ.ପ୍ର.)-** ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ କଣ୍ଟିଲୋ ଓ ରାଣୀଛେଲ୍ଲୀ କ୍ଲଷ୍ଟରରେ ସୋମବାର ଶିଶୁ ମହୋତ୍ସବ ସୁରଭି - ୨୦୧୯ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଦୁଇଟି କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଧାରଣଜ୍ଞାନ, ସୃଜନାତ୍ମକ ଲିଖନ, ସଙ୍ଗୀତ, ଚିତ୍ରାଙ୍କନ, ତର୍କ ପ୍ରଭୃତି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। କଣ୍ଟିଲୋ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୧୧ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ। ସିଆର୍‌ସିସି ଅରୁଣ କୁମାର ନାୟକ ଓ ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡା ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ରାଣୀଛେଲ୍ଲୀ କ୍ଲଷ୍ଟରର ସପ୍ତଭାୟା ୟୁପିଏମ୍ଇ ବିଦ୍ୟାଳୟ ଯଦୁନାଥପୁର ଶାସନରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ଏସ୍ଏମ୍‌ସି ସଭାପତି ସବିତା ଦାଶ ଅଧକ୍ଷତା କରିଥିଲେ। ୧୨ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ବେଳେ ସିଆରସିସି ଚିରଞ୍ଜୀବୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ବୋଲଗଡ଼ରେ କାଳୀପୂଜା ପ୍ରସ୍ତୁତି

ବୋଲଗଡ଼,୨୨।୧୦(ଡି.ଏନ.ଏ.): ବୋଲଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ କାଳୀପୂଜା ପାଇଁ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ବୋଲଗଡ଼ ଗଣେଶ ବଜାରଠାରେ ୩୯ବର୍ଷ ଧରି ସାର୍ବଜନୀନ କାଳୀପୂଜା ଆୟୋଜିତ ହୋଇଆସୁଛି। ଏଠାରେ ଆୟୋଜକ କମିଟି ପକ୍ଷରୁ ଚଳିତବର୍ଷ ୧୫ଫୁଟ ଉଚ୍ଚର ମା'କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରିରେ ଶିଳ୍ପୀମାନେ ଲାଗିପଡିଛନ୍ତି। ରାଜସୁନାଖଳା ତ୍ରିନାଥ ବଜାର ବଣିକ ସଂଘ ପକ୍ଷରୁ ଓ ପିଚୁକୁଳି ବଜାରସ୍ଥିତ ଅଟୋଷ୍ଟାଣ୍ଡଠାରେ କାଳୀ ପୂଜା ପ୍ରସ୍ତୁତି ଚାଲିଛି।

# ଚାକିରି କାର୍ଯ୍ୟାଳୟରେ, କାମ ବାସଭବନରେ

**ନୟାଗଡ଼ ଅଫିସ, ୨୨।୧୦**



ଜିଲା ଶିକ୍ଷା କାର୍ଯ୍ୟାଳୟ।

- ନୟାଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟ
- ୧୨ ବର୍ଷ ହେଲା ଏଭଳି କରିଆସୁଛନ୍ତି

ନୟାଗଡ଼ ଜିଲାର ଅଧିକାଂଶ ସରକାରୀ ଅଧିକାରୀ କାର୍ଯ୍ୟାଳୟରେ ନିଯୁକ୍ତ ହୋଇଥିବା ପିଅନଙ୍କୁ ସେମାନଙ୍କ ବାସଭବନରେ କାର୍ଯ୍ୟ କରାଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଥାଏ। ହେଲେ ମଙ୍ଗଳବାର ଜିଲା ଶିକ୍ଷା କାର୍ଯ୍ୟାଳୟର ଜଣେ ପିଅନ ବହୁବର୍ଷ ଧରି କାର୍ଯ୍ୟାଳୟ ବଦଳରେ ଜିଲା ଶିକ୍ଷା ଅଧିକାରୀଙ୍କ ବାସଭବନରେ କାର୍ଯ୍ୟ କରୁଥିବାର ଭିଡ଼ିଓ ଭାଇରାଲ ହୋଇଛି। ପିଅନମାନେ ବାସଭବନରେ ରହି କାର୍ଯ୍ୟ କରୁଥିବାରୁ କାର୍ଯ୍ୟାଳୟର ଦୈନିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି।

ମିଳିଥିବା ସୂଚନା ଅନୁସାରେ, ଜିଲା ଶିକ୍ଷା କାର୍ଯ୍ୟାଳୟରେ ୫ଜଣ ପିଅନ ନିଯୁକ୍ତ ହୋଇଥିବା ବେଳେ ୨ଜଣ କୌଣସି କାରଣରୁ ନିଲମ୍ବିତ ହୋଇ ପୁନର୍ବାର ଜିଲା ଶିକ୍ଷା କାର୍ଯ୍ୟାଳୟ ବଦଳରେ ଅନ୍ୟ ସ୍ଥାନରେ କାର୍ଯ୍ୟ କରୁଛନ୍ତି। ଅବଶିଷ୍ଟ ୩ ଜଣଙ୍କ ମଧ୍ୟରୁ ଧ୍ରୁବଚରଣ ପ୍ରଧାନ ନାମକ ଜଣେ ପିଅନ ଜିଲା ଶିକ୍ଷା ଅଧିକାରୀଙ୍କ ବାସଭବନରେ କାର୍ଯ୍ୟ କରୁଛନ୍ତି। ୨୦୦୭ ମସିହାରୁ ଦୀର୍ଘ ୧୨ବର୍ଷ ହେଲା ସେ ସେଠାରେ କାର୍ଯ୍ୟ କରିଆସୁଛନ୍ତି। ସପ୍ତାହକୁ ଥରେ ସେ ଶିକ୍ଷା କାର୍ଯ୍ୟାଳୟକୁ ଆସି ରେଜିଷ୍ଟରରେ ଦସ୍ତଖତ କରୁଛନ୍ତି। ପିଅନ ଜଣଙ୍କ ଜିଲା ଶିକ୍ଷା କାର୍ଯ୍ୟାଳୟରେ କାମ ପାଇଁ ନିଯୁକ୍ତ ହୋଇଥିବା ବେଳେ ଜିଲା ଶିକ୍ଷା ଅଧିକାରୀ କାହିଁକି ବାସଭବନରେ ରଖି ଘରୋଇ କାମ କରାଉଛନ୍ତି ତାହାକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଇତିମଧ୍ୟରେ ଏକାଧିକ ଜିଲା ଶିକ୍ଷାଧିକାରୀ ବଦଳି ହୋଇ ଗଲେଣି। ହେଲେ କେହି ଏହାର ସମାଧାନ କରୁ ନାହାନ୍ତି। ସେମାନଙ୍କ ସୁବିଧା ହେବା ପାଇଁ ଉକ୍ତ ପିଅନଙ୍କୁ ଘରୋଇ କାର୍ଯ୍ୟରେ ଲଗାଉଥିବା ଏଠାରେ ଆଲୋଚନା ହେଉଛି। ଖାଲି ଜିଲା ଶିକ୍ଷା ଅଧିକାରୀଙ୍କ ବାସଭବନ ତା' ନୁହେଁ ଜିଲାପାଳଙ୍କ ଅଫିସ ପରିସରରେ ଥିବା ଏକ କାର୍ଯ୍ୟାଳୟର ଜଣେ ଅଧିକାରିଣୀ ତାଙ୍କ ଘରେ କାର୍ଯ୍ୟାଳୟ ପାଇଁ ନିଯୁକ୍ତ ପିଅନଙ୍କୁ କାର୍ଯ୍ୟ କରାଉଥିବା ମଧ୍ୟ ଦେଖିବାକୁ ମିଳିଛି। ଏହାର ତଦନ୍ତ କରାଗଲେ ଗୁମର ଖୋଲିବ ବୋଲି କୁହାଯାଉଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ଶିବଶଙ୍କର ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ, ୨୦୦୭ ମସିହାରୁ ଧ୍ରୁବ ବାସଭବନରେ କାର୍ଯ୍ୟ କରୁଛନ୍ତି। ସେ ଯୋଗଦେଲା ପୂର୍ବରୁ ସେଠାରେ ରହି କାର୍ଯ୍ୟ କରୁଥିବାରୁ ଏ ଦିଗରେ ସେ କିଛି କରିପାରୁ ନାହାନ୍ତି। ଏହାଛଡା ତାଙ୍କ ଆଗରୁ କେତେଜଣ ଜିଲା ଶିକ୍ଷା ଅଧିକାରୀ ବଦଳି ହୋଇ ଯାଇଥିଲେ ମଧ କେହି ଏ ନେଇ କିଛି କରୁନାହାନ୍ତି। ସେ କିପରି ତାଙ୍କୁ ସେଠାରୁ ଆଣିବେ ବୋଲି ପ୍ରକାଶ କରିଥିଲେ।

# ଅପହୃତା ନାବାଳିକା ଉଦ୍ଧାର, ଜଣେ ଅଟକ

**ଖଣ୍ଡପଡା,୨୨।୧୦(ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ଅନ୍ତର୍ଗତ ସିଧାମୂଳା ପଞ୍ଚାୟତ ବଳରାମପ୍ରସାଦ ଗ୍ରାମର ଜଣେ ନାବାଳିକାଙ୍କୁ ଗତ ୩ଦିନ ତଳେ ସିଧାମୂଳା ପଞ୍ଚାୟତ ସମିତି ସଭ୍ୟାଙ୍କ ସ୍ୱାମୀ କାଳିଆ ନାଏକ ଅପହରଣକରି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ନାବାଳିକାଙ୍କ ବାପା ଖଣ୍ଡପଡ଼ା ଥାନାରେ ସୋମବାର ଲିଖିତ ଅଭିଯୋଗ କରିଥିଲେ । ପୋଲିସ ମଙ୍ଗଳବାର ୨୧୪/୧୯ରେ ଏକ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ ଜାରି ରଖିଥିଲା । କୌଣସି ସୂତ୍ରରୁ ଖବର ପାଇ ଖଣ୍ଡପଡ଼ା ଓ କଣ୍ଟିଲୋ ଫାଣ୍ଡି ପୋଲିସ ମିଳିତ ଭାବେ ଚଢାଉ କରି କାଳିଆଙ୍କୁ ଅପରାହ୍ନରେ କଣ୍ଟିଲୋ କମେଇ ସେତୁ ନିକଟରୁ ଧରିଥିଲେ । ପରବର୍ତ୍ତୀ ସମୟରେ ସଂପୃକ୍ତା ନାବାଳିକାଙ୍କୁ ନିକଟସ୍ଥ ସ୍ଥାନରୁ ଉଦ୍ଧାରକରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ କାଳିଆଙ୍କୁ କଣ୍ଟିଲୋ ଫାଣ୍ଡିରେ ଅଟକ ରଖି ପଚରାଉଚରା କରୁଛନ୍ତି । ବୁଧବାର ନାବାଳିକାଙ୍କ ବୟାନକୁ ରେକର୍ଡ କରାଯିବା ପରେ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଣ୍ଡପଡ଼ା ଥାନା ସୂତ୍ରରୁ ପ୍ରକାଶ । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ମାଟିରେ ମିଶିବ ରାଜାରାଜୁଡ଼ା ଅମଳର ସଂସ୍କୃତ ଟୋଲ୍



ମାଟିରେ ମିଶିବାକୁ ବସିଛି ସଂସ୍କୃତ ଟୋଲ କୋଠା।

**ଖଣ୍ଡପଡ଼ା,୨୨।୧୦(ସ୍ୱ.ପ୍ର.)**

୧୯୧୮ମସିହାରେ ରାଜାରାଜୁଡ଼ା ଅମଳରୁ ଖଣ୍ଡପଡ଼ା ସହରରେ ପ୍ରତିଷ୍ଠା ହୋଇଥିବା ସଂସ୍କୃତ ଟୋଲ୍ (ଶିକ୍ଷାନୁଷ୍ଠାନ) ସମ୍ପ୍ରତି ମାଟିରେ ମିଶିଯିବାକୁ ଲାଗିଲାଣି । ଏହାର ପୁନରୁଦ୍ଧାର ଦିଗରେ କେହି ହେଲେ ଦୃଷ୍ଟି ଦେଉ ନ ଥିବାରୁ ବହୁ ପୁରାତନ ଉକ୍ତ ଶିକ୍ଷାନୁଷ୍ଠାନଟି ଜନମାନସରୁ ଲିଭିଯିବାକୁ ବସିଲାଣି । ସଂସ୍କୃତର ପ୍ରସାର ନିମନ୍ତେ ଗଡ଼ଜାତ ଖଣ୍ଡପଡ଼ା ଅଞ୍ଚଳର ତତ୍କାଳୀନ ରାଜା ରାମଚନ୍ଦ୍ର ସିଂହ ମର୍ଦ୍ଦରାଜଙ୍କ ଶାସନ କାଳ ସମୟରେ ଖଣ୍ଡପଡ଼ାରେ ପ୍ରତିଷ୍ଠା ହୋଇଥିଲା ରାମଚନ୍ଦ୍ର ମର୍ଦ୍ଦରାଜ ସଂସ୍କୃତ ଟୋଲ୍ । ଏହି ଶିକ୍ଷାନୁଷ୍ଠାନଟି ୨୦୦୫ ମସିହା ପର୍ଯ୍ୟନ୍ତ ଚାଲୁ ରହିଥିବା ବେଳେ ପ୍ରଶାସନିକ ଅବହେଳାରୁ ତାହା ପରବର୍ତ୍ତୀ ସମୟରେ ବନ୍ଦ ହୋଇଗଲା। ଫଳରେ ରକ୍ଷଣାବେକ୍ଷଣ ଅଭାବରୁ ଟୋଲ୍ ଗୃହ ପୂରା ଭାଙ୍ଗିରୁଜିଗଲାଣି। ଶିକ୍ଷାନୁଷ୍ଠାନଟିର ଭଗ୍ନାବଶେଷ ଏବେ ନଜରକୁ ଆସିଥିବା ବେଳେ ଆଉ କିଛିଦିନ ପରେ ଏଠାରେ ଏକ ଶିକ୍ଷାନୁଷ୍ଠାନ ରହିଥିଲା ବୋଲି କେହି ଜାଣି ପାରିବେ ନାହିଁ । ଖଣ୍ଡପଡ଼ା ଜେଲ ରୋଡ୍‌ରେ ଅବସ୍ଥିତ ଏହି ସଂସ୍କୃତ ଶିକ୍ଷାନୁଷ୍ଠାନ ସମ୍ପର୍କରେ ପ୍ରଶାସନ ନିକଟରେ ସେଭଳି କୌଣସି ତଥ୍ୟ ନ ଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଏ ସମ୍ପର୍କରେ ଅଜ୍ଞ ଥିବା ଜଣାପଡ଼ିଛି। ଶିକ୍ଷାନୁଷ୍ଠାନଟିର ପୁନରୁଦ୍ଧାର ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟିଦେବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି ।

- ଗୁଳିକାଣ୍ଡରେ ଯୁବକ ମୃତ୍ୟୁ ଘଟଣା

# ୩ଦିନ ପରେ ବି ପୋଲିସ ହାତ ଖାଲି

**ଭାପୁର, ୨୨।୧୦(ଡି.ଏନ୍.ଏ.)**

ଫତେଗଡ଼ ଥାନା ମଣିପୁର ଗ୍ରାମରେ ଗତ ୧୮ ତାରିଖରେ ଗୁଳିକାଣ୍ଡ ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଘଟଣାର ୩ଦିନ ପରେ ବି ପୋଲିସ ହାତ ଖାଲି ରହିଛି। ମଣିପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ୧୮ ତାରିଖ ରାତିରେ ଅର୍ଜୁନ ବଳିଆର ସିଂହ(୩୨)ଙ୍କୁ ହତ୍ୟା କରାଯାଇଥିଲା। ସେହି ଗ୍ରାମର ୮ଜଣ ଯୁବକ ପ୍ରଥମେ ବୋମାମାଡ଼ କରି ଅର୍ଜୁନଙ୍କୁ ଅପହରଣ କରିନେଇଥିଲେ। ସେହି ରାତିରେ ସମ୍ପୃକ୍ତ ଅଭିଯୁକ୍ତମାନେ ଗୁଳିକରି ହତ୍ୟା କରିବା ପରେ ଏକ ନାଳରେ ମୃତଦେହ ଫିଙ୍ଗି ଦେଇଥିଲେ। ଏ ନେଇ ଅର୍ଜୁନଙ୍କ ସ୍ତ୍ରୀ ରଶ୍ମିତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୭୮/୧୯ରେ ମାମଲା ରୁଜୁ କରିଥିଲା। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିକରି ପରିବାର ବର୍ଗ ଓ ଗ୍ରାମବାସୀ ପରଦିନ ଅର୍ଥାତ୍ ୧୯ତାରିଖରେ ରାସ୍ତାରୋକୋ କରିବା ସହ ଥାନା ଘେରାଉ କରିଥିଲେ। ଅନ୍ୟ ପୋଲିସ ଅଧିକାରୀଙ୍କ ସହ ନୟାଗଡ଼ ଅତିରିକ୍ତ ଏସ୍‌ପି ଦିଲୀପ କୁମାର ସାହାଣୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ୩ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଲୋକେ ଆନ୍ଦୋଳନରୁ ଓହରି ଯାଇଥିଲେ। ହେଲେ ଏବେ ସୁଦ୍ଧା ପୋଲିସ୍ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇନାହିଁ। ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ୧ ପ୍ଲାଟୁନ୍ ଫୋର୍ସ ମୁତୟନ ଅଛନ୍ତି। ଅଭିଯୁକ୍ତମାନଙ୍କ ପରିବାର ଫେରାର ରହିଛନ୍ତି। ଏ ସମ୍ପର୍କରେ ଖଣ୍ଡପଡ଼ା ଏସ୍‌ଡିପିଓ ଶ୍ରୀନିବାସ ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ଆମେ ଉଦ୍ୟମ ଜାରି ରଖିଛୁ। ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୁକ୍ତ ଧରା ହୋଇନାହାନ୍ତି।

### ଭତ୍ତାରୁ ବଞ୍ଚିତ ବୃଦ୍ଧାବୃଦ୍ଧ

**ଭାପୁର, ୨୨।୧୦(ଡି.ଏନ୍.ଏ.)**

ଭାପୁର ବ୍ଲକର ଶତାଧିକ ବୃଦ୍ଧାବୃଦ୍ଧ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଅର୍ଥ ଅଭାବରୁ ଏଭଳି ପରିସ୍ଥିତି ଦେଖାଦେଇଥିବା କୁହାଯାଉଛି। ପ୍ରତି ମାସର ୧୫ ଓ ୧୬ରେ ରାଜ୍ୟ ସରକାର ବୃଦ୍ଧାବୃଦ୍ଧ, ବିଧବା ଓ ଭିନ୍ନକ୍ଷମଙ୍କୁ ଭତ୍ତା ବଣ୍ଟନ କରିଥାନ୍ତି। ଚଳିତ ମାସରେ ଅର୍ଥାଭାବରୁ ଭାପୁର ବ୍ଲକରେ ୨୦ ପଞ୍ଚାୟତରେ ଶହ ଶହ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ବଣ୍ଟନ ହୋଇନାହିଁ। ହିତାଧିକାରୀମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଫେରୁଛନ୍ତି। ଭାପୁର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଅନିଲ କୁମାର ଦାସ କୁହନ୍ତି, ଏହି ମାସର ଭତ୍ତା ଅର୍ଥ ବାବଦକୁ ୩ ଲକ୍ଷ ୭୨ ହଜାର ଟଙ୍କା ଦରକାର ହେଉଥିବାବେଳେ ମୋଟେ ୩ଲକ୍ଷ ୩୪ ହଜାର ଟଙ୍କା ମିଳିଥିଲା। ଏହି କାରଣରୁ କିଛି ହିତାଧିକାରୀ ଭତ୍ତା ପାଇନାହାନ୍ତି। ଆସନ୍ତା ମାସରେ ସେମାନଙ୍କୁ ୨ମାସର ଦିଆଯିବ। ଭାପୁର ବିଡ଼ିଓ ଅନ୍ତର୍ଯ୍ୟାମୀ ଦାଶ କୁହନ୍ତି, ଭତ୍ତା ବଣ୍ଟନ ପାଇଁ ୫ ଲକ୍ଷ ଟଙ୍କା ନିଅଣ୍ଟ ଥିଲା। ପରବର୍ତ୍ତୀ ସମୟରେ ପୈଠ ହୋଇଛି।

# ନଭେମ୍ବର ୩ରେ ଓଡ଼ିଶା ଡ୍ୟାନ୍ସ ଧମାକା ଫାଇନାଲ

**ନୟାଗଡ଼ ଅଫିସ, ୨୨।୧୦**




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଆସନ୍ତା ନଭେମ୍ବର ୩ତାରିଖରେ ବାବା ଡ୍ୟାନ୍ସ ଏକାଡ଼େମୀ କଲଚୁରାଲ ଟ୍ରଷ୍ଟ ପକ୍ଷରୁ ଓଡିଶା ଡ୍ୟାନ୍ସ ଧମାକା ପ୍ରତିଯୋଗିତାର ଫାଇନାଲ୍ ନୟାଗଡ଼ ପଠାଣି ସାମନ୍ତ ଅଡ଼ିଟୋରିୟମଠାରେ ଅନୁଷ୍ଠିତ ହେବ। ମଙ୍ଗଳବାର ଏ ନେଇ ଏକ ଖବରଡାତା ସମ୍ମିଳନୀରେ ଡ୍ୟାନ୍ସଗୁରୁ ସୁଧାକର ବସନ୍ତ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ମାସେ ତଳେ ଜିଲାରେ ଏକ ଟେଷ୍ଟ ରାଉଣ୍ଡ ଅନୁଷ୍ଠିତ ହୋଇଥିଲା। ସେଥିରେ କେତେଜଣ ପ୍ରତିଯୋଗୀ ଫାଇନାଲ୍‌କୁ ମନୋନୀତ ହୋଇଛନ୍ତି । ଯେଉଁମାନେ ପ୍ରଥମ ଟେଷ୍ଟ ରାଉଣ୍ଡରେ ଭାଗ ନେଇପାରିନାହାନ୍ତି ସେମାନେ ଆସନ୍ତା ୨୩ ତାରିଖଠାରୁ ୨ନଭେମ୍ବର ପର୍ଯ୍ୟନ୍ତ ପଠାଣିସାମନ୍ତ ଅଡ଼ିଟୋରିୟମଠାରେ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେଇପାରିବେ। ପରେ ୩ ତାରିଖରେ ଫାଇନାଲ ରାଉଣ୍ଡ ଅନୁଷ୍ଠିତ ହେବ। ଅତିଥିଭାବେ ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ଚଳଚ୍ଚିତ୍ର ଅଭିନେତା ଦୀପକ, ଅଭିନେତ୍ରୀ ସସ୍ମିତା, ଲେଖକ ବାପୁ ଗୋସ୍ୱାମୀ, ସଙ୍ଗୀତ ନିର୍ଦ୍ଦେଶକ ଭାନୁ ନାୟକ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରିବେ ବୋଲି ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଟ୍ରଷ୍ଟର ସୁକାନ୍ତ ରାଉତ, ରାଜଶ୍ରୀ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ସହପାଠୀ ପାଳିଲେ ଏକାଦଶାହ

**ଓଡ଼ଗାଁ, ୨୨।୧୦(ସ୍ୱ.ପ୍ର.)**



ସ୍ମରଣିକା ଉନ୍ମୋଚନ ଅବସରରେ ଅତିଥିମାନେ।

ଓଡଗାଁରେ ଅବସ୍ଥିତ ନୟାଗଡ଼ ସରକାରୀ ପଲିଟେକ୍‌ନିକ ଛାତ୍ର ଭକ୍ତି ଭୂଷଣ ତ୍ରିପାଠୀଙ୍କ ଗତ ୧୨ ତାରିଖରେ ଦୁର୍ଘଟଣା କାରଣରୁ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ତାଙ୍କ ସହପାଠୀମାନେ ହଷ୍ଟେଲ ପରିସରରେ ଏକାଦଶାହ ପାଳନ କରିଥିଲେ। ଛାତ୍ର ପ୍ରତିନିଧି ନବଜ୍ୟୋତି ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଖବରଦାତା ଆଦର୍ଶ କୁମାର ପଟ୍ଟନାୟକ ମୁଖ୍ୟଅତିଥି, ଖବରଦାତା ଅଶୋକ କୁମାର ମହାପାତ୍ର ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଖବରଦାତା ସାରସ କୁମାର ମିଶ୍ର ନାରାୟଣ ପାଣିଗ୍ରାହୀ, ଫକୀର ମହାରଣା ଯୋଗଦେଇଥିଲେ। ମୁଖ୍ୟଅତିଥି ଟ୍ରାଫିକ ନିୟମ ପାଳନ କରିବା ସହିତ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ସହପାଠୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଭକ୍ତି ଭୂଷଣଙ୍କ ଉଦ୍ଦେଶ୍ୟରେ ଏକ ସ୍ମରଣିକା ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ବିକାଶ କୁମାର ଚସାନ୍ଦ ଓ ବିଜୟ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶତାଧିକ ସହପାଠୀ ସଭାରେ ଉପସ୍ଥିତ ଥିଲେ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ନୟାଗଡ଼ ଅଫିସ,୨୨।୧୦**



ଦଶପଲ୍ଲାଠାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

ମଙ୍ଗଳବାର ଶରଣକୁଳ ଓ ଆଙ୍ଗିସିଙ୍ଗି କ୍ଲଷ୍ଟର ପକ୍ଷରୁ ନାରାୟଣ ଉଚ୍ଚ ବିଦ୍ୟାଳୟ ଅଡ଼ିଟୋରିୟମଠାରେ ସୁରଭି-୨୦୧୯ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶରଣକୁଳ କ୍ଲଷ୍ଟରର ୧୫ ଓ ଆଙ୍ଗିସିଙ୍ଗି କ୍ଲଷ୍ଟରର ୧୫ ଏହିଭଳି ୩୦ ଗୋଟି ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। କନିଷ୍ଠ ଓ ବରିଷ୍ଠ ବର୍ଗରେ ତର୍କ, ବକ୍ତୃତା, ଚିତ୍ରାଙ୍କନ, କୁଇଜ୍, ଲଘୁ ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନାରାୟଣ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନାରାୟଣ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀ ଡ. ବସନ୍ତ କୁମାର ନାୟକ ମୁଖ୍ୟଅତିଥି, ଏମ୍ ଦୀନବନ୍ଧୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା ପରିପ୍ରକାଶ କରୁଥିବା ପ୍ରକାଶ କରିଥିଲେ। ଉଭୟ କ୍ଲଷ୍ଟରର ୩୨ ପ୍ରତିଯୋଗୀ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମନୋନୀତ ହୋଇଛନ୍ତି। ସିଆରସିସି ଭକ୍ତ ରଞ୍ଜନ ମିଶ୍ର ଓ ଗୋଦାବରୀ ବସନ୍ତିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ନିରାକର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

**ଦଶପଲ୍ଲା,(ଡି.ଏନ.ଏ.):** ଦଶପଲ୍ଲାର ବିଭିନ୍ନ କ୍ଲଷ୍ଟରରେ ମଙ୍ଗଳବାର ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବା ପାଇଁ ଦଶପଲ୍ଲା ଶିକ୍ଷା ବିଭାଗ ଅଧୀନରେ ଥିବା ୧୩ ଗୋଟି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୋଗବାଡି ଆଶ୍ରମ ବିଦ୍ୟାଳୟଠାରେ ସିଆର୍‌ସିସି ସନ୍ତୋଷ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ପ୍ରମୋଦ କୁମାର ଦଳବେହେରା ମୁଖ୍ୟଅତିଥି ଓ ଖବରଦାତା ପ୍ରଫୁଲ୍ଲ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ସେହିପରି ଜଗାପୁର କ୍ଲଷ୍ଟର ପକ୍ଷରୁ ସିଆର୍‌ସିସି ସୁଶାନ୍ତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଖଳିସାହି(କ) ପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ ମୁଖ୍ୟଅତିଥି ଓ ତେଣ୍ଡାବାଡି ସରପଞ୍ଚ ବିଜୟିନୀ ପ୍ରଧାନ, ଶିମିଳିସାହି ସରପଞ୍ଚ ଜ୍ୟୋସ୍ନାରାନୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# କ୍ଲଷ୍ଟର ସ୍ତରୀୟ ସୁରଭି: ୩ ସ୍କୁଲର ଛାତ୍ରୀଛାତ୍ର ବଞ୍ଚିତ

**ରଣପୁର, ୨୨।୧୦(ସ୍ୱ.ପ୍ର.)**

- ସିଆରସିସିଙ୍କ ଅଣଦେଖାରୁ ବଞ୍ଚିତ ହେବା ଅଭିଯୋଗ
- ବିଇଓ କହିଲେ ଆମର କିଛି କରିବାର ନାହିଁ

ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଶକ୍ତିର ପରିପ୍ରକାଶ ପାଇଁ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ତେବେ ରଣପୁର ବ୍ଲକ ରାଜଜଙ୍ଗିଆ କ୍ଲଷ୍ଟରରେ ରାଜଜଙ୍ଗିଆସ୍ଥିତ ବାଙ୍କନିଧି ବିଦ୍ୟାପୀଠ, ତାଳକଣି ହାଇସ୍କୁଲ ଓ ଶଙ୍ଖଯୋଡ଼ି ହାଇସ୍କୁଲ କର୍ତ୍ତୃପକ୍ଷଙ୍କୁ ସୁରଭି ସମ୍ପର୍କରେ ଅବଗତ କରାଯାଇ ନ ଥିଲା । ଫଳରେ ସମ୍ପୃକ୍ତ ୩ ସ୍କୁଲର ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସୁରଭିରେ ଭାଗ ନେଇପାରି ନାହାନ୍ତି; ଯାହାକି ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକଙ୍କ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ସିଆର୍‌ସିସି ଉକ୍ତ ୩ ସ୍କୁଲକୁ ସୁରଭି ସମ୍ପର୍କରେ ଅବଗତ କରି ନ ଥିବାରୁ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଉଛି ।

ପ୍ରକାଶ ଯେ, ରାଜଜଙ୍ଗିଆ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ହେଉଥିବାବେଳେ ପ୍ରାୟ ୫୦୦ ମିଟର ଦୂର ରାଜଜଙ୍ଗିଆର ବାଙ୍କନିଧି ବିଦ୍ୟାପୀଠକୁ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଯାଇ ନ ଥିଲା । ଏଠାରେ ଷଷ୍ଠରୁ ଦଶମଶ୍ରେଣୀର ୧୩୦ ଛାତ୍ରୀଛାତ୍ର ପାଠ ପଢନ୍ତି। ସେହିଭଳି ତାଳକଣି ହାଇସ୍କୁଲ ଓ ଶଙ୍ଖଯୋଡି ହାଇସ୍କୁଲର ଛାତ୍ରୀଛାତ୍ର ମଧ୍ୟ ସିଆର୍‌ସିସିଙ୍କ ଅଣଦେଖା କାରଣରୁ କାର୍ଯ୍ୟକ୍ରମରେ ଯୋଗଦେବାରୁ ବଞ୍ଚିତ ହେଲେ। ଏନେଇ ରଣପୁର ବ୍ଲକ ଶିକ୍ଷା ଅଧିକାରୀ ଉପେନ୍ଦ୍ର ନାଥ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଆଜିକାଲି ଆଉ ଚିଠି କରାଯାଉନି । ସବୁ ମୋବାଇଲ ହ୍ୱାଟସ୍‌ଅପ୍‌ରେ ଜଣାଇ ଦିଆଯାଉଛି । ସୁରଭି କାର୍ଯ୍ୟକ୍ରମ ସମ୍ପର୍କରେ ସେମାନେ ଯୋଗ ନ ଦେଲେ ଆମର କିଛି କରିବାର ନାହିଁ । ଜିଲା ଶିକ୍ଷା ଅଧିକାରୀ ଶିବଶଙ୍କର ପ୍ରଧାନଙ୍କୁ ପଚାରିବାରୁ ସେ ପ୍ରସଙ୍ଗକୁ ଏଡାଇଯାଇ କୌଣସି ଉତ୍ତର ଦେଇ ନ ଥିଲେ । ବ୍ଲକ ଶିକ୍ଷା ଅଧିକାରୀଙ୍କ ପାତରଅନ୍ତର ନୀତି ଯୋଗୁ ବିଦ୍ୟାଳୟର ଛାତ୍ରୀଛାତ୍ର ସୁରଭି କାର୍ଯ୍ୟକ୍ରମରୁ ବଞ୍ଚିତ ରହିଲେ ବୋଲି କୁହାଯାଉଛି। ସୁରଭି ଲୁକ୍କାୟିତ ପ୍ରତିଭାକୁ ପରିପ୍ରକାଶ କରିବ କ'ଣ ବରଂ ପ୍ରତିଭାକୁ ଲୁଚାଇବାକୁ ଉଦ୍ୟମ କରିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି।

### ଗୋଟିଏ ବ୍ଲକରେ ଭିନ୍ନ ନିୟମ

ମଙ୍ଗଳବାର ରଣପୁର ବ୍ଲକର ୧୮ କ୍ଲଷ୍ଟରରେ ପୃଥକ୍ ପୃଥକ୍ ଭାବେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକର ୨୩୭ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୩ ସ୍କୁଲକୁ ଛାଡ଼ି ୨୩୪ ବିଦ୍ୟାଳୟର ଛାତ୍ରୀଛାତ୍ର ସୁରଭିରେ ଯୋଗଦେଇଥିଲେ । ରାଜଜଙ୍ଗିଆ କ୍ଲଷ୍ଟରକୁ ଛାଡିଦେଲେ ଅନ୍ୟ କ୍ଲଷ୍ଟରରେ ସରକାରୀ ଅନୁଦାନପ୍ରାପ୍ତ, ବେସରକାରୀ ସ୍କୁଲର ଛାତ୍ରୀଛାତ୍ର ମଧ୍ୟ ସୁରଭିରେ ଭାଗ ନେଇଥିଲେ । ଗୋଟିଏ ବ୍ଲକରେ କିପରି ଭିନ୍ନ ଭିନ୍ନ ନିୟମ ରହିଛି ତାହା ତଦନ୍ତ ସାପେକ୍ଷ । ଅନ୍ୟପକ୍ଷେ ସୁରଭି ସମ୍ପର୍କରେ ବିଇଓ ହ୍ୱାଟସ୍‌ଅପ୍‌ରେ ଅବଗତ କରାଯାଇଥିବା କହୁଥିବାବେଳେ ସିଆର୍‌ସିସି ଚିଠିରେ କରାଯାଇଥିବା କହିବା ସୂଚନାରେ ତାଳମେଳ ନାହିଁ । ସେହିଭଳି ସରକାରୀ ନିର୍ଦ୍ଦେଶ ମୁତାବକ କ୍ଲଷ୍ଟରରେ ଉକ୍ତ କାର୍ଯ୍ୟକ୍ରମ କରାଯାଇ ନାହିଁ । ଏନେଇ ରାଜଜଙ୍ଗିଆ ସିଆର୍‌ସିସି ପ୍ରମୋଦ ମଲ୍ଲିକ କୁହନ୍ତି, ୧୪ରୁ ୧୯ ତାରିଖ ମଧ୍ୟରେ ସୁରଭି କରିବା ପାଇଁ ନିର୍ଦ୍ଦେଶ ଥିଲା। ତେବେ ଅସୁବିଧାବଶତଃ ୨୨ ତାରିଖରେ କରାଇଲୁ। ଯେଉଁ ୩ ସ୍କୁଲକୁ ଡକାଯାଇନି ସେଗୁଡିକ ବେସରକାରୀ ସ୍କୁଲ । ଏଣୁ ସେମାନଙ୍କୁ ଚିଠି କରାଯାଇନି । ୨୦୧୮ରେ ସୁରଭିରେ ଭାଗ ନେଇଥିବା ସ୍କୁଲକୁ କିପରି ଚଳିତ ବର୍ଷ କେଉଁ ନିୟମ ଆଧାରରେ କଟାଗଲା ସେ ନେଇ ତାଙ୍କୁ ପଚରାଯିବାରୁ ସେ କିଛି କହି ପାରି ନ ଥିଲେ । ବାଙ୍କନିଧି ହାଇସ୍କୁଲର ସଭାପତି ସରୋଜ ସ୍ୱାଇଁ କୁହନ୍ତି, ଆମ ସ୍କୁଲ ସରକାରୀ ଅନୁଦାନ ପ୍ରାପ୍ତ । ୨୦୧୮ରେ ସୁରଭିରେ ଆମେ ଭାଗ ନେଇଥିଲୁ । ତେବେ ବେସରକାରୀ ସ୍କୁଲ କହି ଡକା ନ ଯିବା ତଦନ୍ତ ସାପେକ୍ଷ । ଯେଉଁମାନେ ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶରେ ଅନ୍ତରାୟ ସୃଷ୍ଟି କରୁଛନ୍ତି ସେମାନଙ୍କୁ ଚିହ୍ନଟ କରାଯାଇ ପଦକ୍ଷେପ ନେବା ଜରୁରୀ । ଫଳରେ ଆଗକୁ ଏପରି ଭୁଲ୍ ଆଉ ହେବନି ବୋଲି ସେ କହିଥିଲେ।